



# ଜେଲଗଲା ଆକ୍ରମଣକାରୀ ଯୁବକ, ଖଣ୍ଡା ଜବତ

**ବାଲିଅନ୍ତା, ୧୭।୩ (ସମିସ):** ବାଲିଅନ୍ତା ଥାନା ପୁଲିସ ରବିବାର ଏକ ଗଣ୍ଡଗୋଳ ମାମଲାରେ ହୀରାପୁର ଗ୍ରାମ ଉପର ସାହିର ବିଷ୍ଣୁ ଦାସ (୩୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ଗ୍ରାମର ଗୋଲେଖ ବେହେରା ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଗୋଲେଖଙ୍କ ଅଭିଯୋଗ ଭିତ୍ତିରେ ଥାନାରେ ୧୨୩/୨୪ ରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ ଯେ, ଗତକାଲି ପୂର୍ବାହ୍ନରେ ଗୋଲେଖଙ୍କ ବଡ଼ଭାଇ ଅଲେଖ ବେହେରା ଗାଧୁଆସାରି ଘରକୁ ଫେରୁଥିଲେ। ସେହି ସମୟରେ ଅଭିଯୁକ୍ତ ବିଷ୍ଣୁ ଗାଁ ମଝି ରାସ୍ତାରେ ଅଲେଖଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଅଲେଖ ନିଜକୁ ବଞ୍ଚାଇବା ପାଇଁ ରକ୍ତାକ୍ତ ଅବସ୍ଥାରେ ତାଙ୍କ ଗ୍ରାମର ଜଣକ ଘରକୁ ଭୟରେ ପଶିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କ ବାରଣ୍ଡାରେ ପଡ଼ିଯାଇଥିଲେ। ବିଷ୍ଣୁ ପୁନର୍ବାର ଅଲେଖଙ୍କ ପଛରେ ଯାଇଥିଲେ ଏବଂ ଆକ୍ରମଣ କରିଥିଲେ। ଅଲେଖଙ୍କ ଚିତ୍କାର ଶୁଣି କିଛି ଲୋକ ଘଟଣାସ୍ଥଳକୁ ଆସିଥିବାବେଳେ ବିଷ୍ଣୁ ସେମାନଙ୍କୁ ମଧ୍ୟ ହତ୍ୟା କରିବାର ଧମକ ଦେଇଥିଲା। ଅଲେଖଙ୍କ ପରିବାର ସଦସ୍ୟ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ବାଲିଅନ୍ତା ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ ଓ ତା'ଠାରୁ ଗୋଟିଏ ଖଣ୍ଡା ଜବତ କରିଥିଲେ। ପଚରାଉଚରା ବେଳେ ବିଷ୍ଣୁ ଅପରାଧ ସ୍ୱୀକାର କରିଥିଲେ।

# ଲୁଟ୍‌ପାଟ୍ ମାମଲା; ଧରାପଡ଼ିଲେ ୪ ଲୁଟେରା

**ଭୁବନେଶ୍ୱର, ୧୭।୩(ସମିସ):** ବସ୍‌ରେ ଆସୁଥିବା ଯାତ୍ରୀଙ୍କ ଠାରୁ ୩୦ହଜାର ଟଙ୍କା ଲୁଟ୍ କରିଥିବା ୨ ଲୁଟେରାଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ସେମାନେ ହେଲେ ନୟାଗଡ଼ ଓଡ଼ଗାଁର ରାଜୀବ ଲୋଚନ ଦାସ ଓ ଗଞ୍ଜାମର ଅମର ନାୟକ। ପୁଲିସର କହିବା କଥା, ଅଭିଯୋଗକାରୀ ପ୍ରମୋଦ କୁମାର ବଳିଆରସିଂହ ଖୋର୍ଦ୍ଧାରୁ ପୋଖରୀପୁଟକୁ ବସ୍‌ରେ ଆସିଥିଲେ। ସେ ମଧୁସୂଦନ ପାର୍କ ନିକଟରେ ବସ୍‌ରୁ ଓହ୍ଲାଇ ସେଠାରେ ଛିଡ଼ା ହୋଇଥିଲେ। ସେହି ସମୟରେ ଦୁଇ ଅଭିଯୁକ୍ତ ଏକ ବାଇକ୍‌ରେ ଆସି ପ୍ରମୋଦଙ୍କ ଠାରୁ ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇଥିଲେ। ସେ କିଛି ସମୟରେ ପିଛା କରିଥିଲେ ବି ଦୁଇ ଅଭିଯୁକ୍ତ ମାଡ଼ ମାରି ପୁଣି ମୋବାଇଲ ଫୋନ୍ ଲୁଟି ନେଇଥିଲେ। ସେ ଚିତ୍କାର କରିବାରୁ କିଛି ସ୍ଥାନୀୟଲୋକେ ଘେରିଯାଇ ଉଭୟଙ୍କୁ କାବୁ କରି ନେଇଥିଲେ। ସୂଚନା ପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କ ଠାରୁ ଲୁଟ ଜିନିଷ ଜବତ କରିବା ସହ ସେମାନଙ୍କୁ ତଦନ୍ତ ପାଇଁ ଥାନାକୁ ଆଣିଥିଲେ। ଆଜି ଏୟାରପୋର୍ଟ ଥାନା ପୁଲିସ ମାମଲା ରୁଜୁ କରି ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ଲିଫ୍ଟରୁ ତମ୍ବା ତାର ଚୋରି କରିବା ଅଭିଯୋଗରେ ଜଣକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଲୁଟେରା ଗଞ୍ଜାମ ଦୀପକ କୁମାର ରେଡ୍ଡୀ। ସେ ୧୫ବର୍ଷ ଧରି ଲିଫ୍ଟ ସଜାଡ଼ିବା ମେକାନିକ୍ ଭାବେ କାର୍ଯ୍ୟ କରୁଥିଲା। ପରେ ନୂଆପଲ୍ଲୀ ଥାନା ଅଞ୍ଚଳର ଏକ ଷ୍ଟୋର୍‌ରେ ଲାଗିଥିବା ଲିଫ୍ଟରୁ ଚୋରି କରିବା ଅଭିଯୋଗରେ ଦୀପକକୁ ଗିରଫ କରିଥିଲା ପୁଲିସ। ଆଉ ଏକ ମାମଲାରେ କିଟ୍ କ୍ୟାମ୍ପସରୁ ବାଇକ୍ ଚୋରି କରିଥିବା ଲୁଟେରାକୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଲୁଟେରା ଜଗତସିଂହପୁରର ବୁଲୁ ବେହେରା। ସେ କିଟ୍ କ୍ୟାମ୍ପସ୍ ପାର୍କିଂରୁ ବାଇକ୍ ଚୋରି କରି ନେଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ବୁଲୁକୁ ଗିରଫ କରିବା ସହ ଦୁଇଟି ବାଇକ୍ ଜବତ କରିଛି।

# ଇନ୍ଦ୍ରଧନୁ ମାର୍କେଟରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର, ୧୭।୩(ସମିସ):** ନୂଆପଲ୍ଲୀ ଇନ୍ଦ୍ରଧନୁ ମାର୍କେଟରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଗୋଦାମରେ ରଖାଯାଇଥିବା ୧୨ଲକ୍ଷ ଟଙ୍କାର ଫ୍ରିଜ୍, ଏସି ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ୨ଟି ଦମକଳ ଗାଡ଼ି ୧୦ଜଣ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘର ମାଲିକଙ୍କ କହିବା ଅନୁଯାୟୀ ତାଙ୍କ ଦୋକାନ ଘର ଆଗରେ ଥିବା ବେଳେ ପଛରେ ଗୋଦାମ କରି ସବୁ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ରଖିଥିଲେ। ହେଲେ ତାଙ୍କର ସାନଭାଇ ବସିଥିବା ବେଳେ ପଛରୁ ଧୂଆଁ ବାହାରିଥିଲା। ଧୂଆ କେଉଁଠୁ ବାହାରିଲା ଯାଇ ଦେଖିବା ପରେ ନିଆଁ ଲାଗିଥିବା ଜାଣି ଅଗ୍ନିଶମ ବିଭାଗକୁ ଫୋନ୍ କରି ଜଣାଇଥିଲେ। ତୁରନ୍ତ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲେ। ଏହି ନିଆଁ ବିଦ୍ୟୁତ୍ ସଟ୍‌ସର୍କିଟରୁ ହୋଇଥିବା ଅଗ୍ନିଶମ କର୍ମଚାରୀ ସୂଚନା ଦେଇଛନ୍ତି।

# ଉଚ୍ଚଶିକ୍ଷିତ ଏବେ ଅପରାଧର ବାଦ୍‌ଶାହ

**ଭୁବନେଶ୍ୱର, ୧୭।୩(ସମିସ):**

ପାଠ ପଢ଼ି ଭଲ ଚାକିରି କରିବେ; ଆଉ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। ଆର୍ଥିକ ସ୍ଥିତି ସୁଦୃଢ଼ ସହ ଦୂର ହେବ ସମସ୍ୟା। ଅନବରତ ସାଧାନା ଜାରି ରଖିବା ସହ ଅସୁମାରୀ ସ୍ୱପ୍ନକୁ ସାକାର କରିବା ଲାଗି କସରତ କରନ୍ତି। କିଏ ଏମ୍‌ବିଏ ପଢ଼େ ତ ଆଉ କିଏ ଇଞ୍ଜିନିୟର। ପାଠପଢ଼ି ବି ଅଧ୍ୟାପକ ହୁଅନ୍ତି। ପିଲାଙ୍କ ଭବିଷ୍ୟତ ଗଢ଼ିବା ଲାଗି ଗୁରୁ ଜ୍ଞାନ ଦେଉଥିବା ବେଳେ ବଦଳି ଯାଇଥାଏ ଜୀବନର ମୋଡ଼। ଆଜିର ଦିନରେ ଏହି ଉଚ୍ଚଶିକ୍ଷିତମାନେ ଅପରାଧ ଦୁନିଆର ବାଦ୍‌ଶାହା ଭାବେ ନିଜକୁ ଉପସ୍ଥାପନା କରିଦେଉଛନ୍ତି। କିଏ କୁସଙ୍ଗରେ ତ ଆଉ କିଏ ପରିସ୍ଥିତିରେ ପଡ଼ି ପାଠ ପଢୁଆ ପିଲା ଅବାଟକୁ ଚାଲିଯାଉଛନ୍ତି। ସେ ବଡ଼ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀ ହେବାର ସ୍ୱପ୍ନ ଅଧାରେ ରହିଯାଉଛି। ଏହାରି ପଛରେ ନିଶା କାରବାର ଓ ଅପରାଧ ରହିଛି। ମାନସିକତା ବଦଳାଇ କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଓ ରାଜକୀୟ ଶୈଳୀରେ ଅୟସ ଜୀବନ ବିତାଇବା ଲାଗି ମୂଳ ଲକ୍ଷ୍ୟକୁ ଭୁଲିଯାଉଛନ୍ତି। ଉଚ୍ଚଶିକ୍ଷତ ପାଠ ପଢ଼ିବା ବଦଳରେ ଅପରାଧ ଲାଗି ଖସଡ଼ା ପ୍ରସ୍ତୁତ କରୁଛନ୍ତି। ବ୍ରାଉନ୍‌ସୁଗର୍ କାରବାର ହେଉ ଅବା ଚୋରି, ଠକେଇ ଓ ଅପରାଧିକ ଷଡ଼ଯନ୍ତ୍ରରେ ଉଚ୍ଚଶିକ୍ଷିତଙ୍କ ସମ୍ପୃକ୍ତି ଦିନକୁ ଦିନ ବୃଦ୍ଧି ହେଉଛି। କିଏ ବି ଟେକ୍ ତ ଆଉ କିଏ ଏମ୍ ଟେକ୍, ଏମ୍‌ବିଏ, ବିବିଏ, ଡିପ୍ଲୋମା, ସ୍ନାତକଧାରୀ ଓ ପିଏଚ୍‌ଡି କରୁଥିବା କିମ୍ବା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଲିଙ୍କ୍ ପଦାକୁ ଆସୁଛି। ଏପରିକି ଅଧ୍ୟାପକ କିମ୍ବା ଶିକ୍ଷକମାନେ ମଧ୍ୟ ଏହି ଲିଙ୍କ୍‌ରେ ରହୁଛନ୍ତି। ଟଙ୍କା, ପ୍ରେମିକା ଓ ନିଶା ସେବନ ଲାଗି ଅବାଟକୁ ଯାଇ ବାଟବଣା ହୋଇଯାଉଛି। ରାଜଧାନୀରେ ବିଭିନ୍ନ ପ୍ରକାରର ଅପରାଧରେ ଉଚ୍ଚଶିକ୍ଷିତଙ୍କ ସମ୍ପୃକ୍ତି ଏବେ ନୂଆ ଧାରା ପାଲଟିଛି। ଛୋଟ ଓ ବଡ଼ ଅପରାଧରେ ପାଠପଢ଼ିଥିବା ଯୁବକମାନେ କରାୟତ ହୋଇଛନ୍ତି। ଧରାପଡୁଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୩୮ ପ୍ରତିଶତ ପାଠୁଆ ପିଲା ବୋଲି ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ବିଭିନ୍ନ ପ୍ରକାରର ଅପରାଧରେ ପାଠୁଆ ପିଲା ସମ୍ପୃକ୍ତି ଦି'ଗୁଣା ହେଉଥିବାରୁ ଚିନ୍ତାରେ ପଡ଼ିଛି କମିସନରେଟ୍ ପୁଲିସ। ତେଣୁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ଅପରାଧର ଭୟବହତା ବିଷୟରେ ବୁଝାଇବା ଲାଗି କମିସନରେଟ୍ ପୁଲିସ ପକ୍ଷରୁ ଏକ ଟିମ୍ ଗଠନ ହୋଇଛି।



- ଠକେଇ, ଚୋରି ଓ ନିଶା କାରବାରରେ ସମ୍ପୃକ୍ତି
- ଧରାପଡୁଥିବା ଅପରାଧୀଙ୍କ ମଧ୍ୟରୁ ୩୮ ପ୍ରତିଶତ ପାଠୁଆ
- ଜେଲ ଯିବା ପରେ ଅଧୂରା ରହୁଛି ଅସୁମାରୀ ସ୍ୱପ୍ନ

## ପାଠପଢ଼ା ଓ ନିଯୁକ୍ତି ବେଳେ ବିଦେଶ ଯାତ୍ରା ମନା

ନିଶାସେବନକାରୀ କିମ୍ବା ମଦ ପିଇ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଆହୁରି ଶାଣିତ କରିଛି କମିସନରେଟ୍ ପୁଲିସ। ନିଶା ସେବନ କିମ୍ବା ମଦପିଇ ଧରାପଡ଼ିଲେ ସଙ୍ଗୀନ୍ ଦଫାରେ ପୁଲିସ ମାମଲା ରୁଜୁ କରାଯାଇ ଜେଲକୁ ପଠାଯିବ। ଥରେ ନିଶା କିମ୍ବା ମଦ ପିଇ ଗାଡ଼ି ଚଳାଉଥିବା ମାମଲାରେ ଛନ୍ଦି ହେଲେ ପାଠ ପଢ଼ିବା କିମ୍ବା ନିଯୁକ୍ତି ଲାଗି ବିଦେଶ ଯାତ୍ରାରେ ଅଙ୍କୁଶ ଲାଗିବ। ଭିସା ଓ ପାସ୍‌ପୋର୍ଟ ଲାଗି ଚରିତ୍ର ପଞ୍ଜିକା ଯାଞ୍ଚ ଲାଗି ଥାନାକୁ ଗଲେ ଅନୁମତି ଦେବନି ପୁଲିସ। ଆଉ ଚରିତ୍ର ପଞ୍ଜିକା ଖୋଲିବା ପରେ ସୁନେଲି ଭବିଷ୍ୟତରେ ଶିକୁଳି ପଡ଼ିବ।



## କିଛି ଘଟଣାବଳୀ

- ପିଏଚ୍‌ଡି ସହ ମନସ୍ତତ୍ତ୍ୱବିତ୍ ବିଭାଗରେ ଅଧ୍ୟାପକ ଥିଲେ। କିନ୍ତୁ ନିଜକୁ ଭିଜିଲାନ୍ସ ଏସ୍‌ପିର ପରିଚୟ ଦେଇ ଠିକାଦାରଙ୍କ ଠାରୁ ସାଢ଼େ ୭ ଲକ୍ଷ ଚଳୁ କରିଦେଲେ। ଏଭଳି ଠକକୁ ଗିରଫ କରିଥିଲା ସାଇବର ଥାନା ପୁଲିସ। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦର ମନୋଜ କୁମାର ମାଝୀ। ପୂର୍ବରୁ ଅନୁରୂପ ଭାବେ ଏକ ଠକେଇ ମାମଲାରେ ମନୋଜକୁ ଗିରଫ କରିଥିଲା ଏସ୍‌ଟିଏଫ୍।
- ନିଜକୁ ଇଡି ଅଧିକାରୀ ପରିଚୟ ଦେଇ ଛତ୍ରପୁର ଉପଜିଲ୍ଲାପାଳଙ୍କ ଠାରୁ ଠକେଇ ମାମଲାରେ ଦୁଇଭାଇଙ୍କୁ ଗିରଫ କରାଯାଇଥିଲା। ତାରିଣୀସେନ୍ ମହାପାତ୍ର ଓ ବ୍ରହ୍ମାଶଙ୍କର ମହାପାତ୍ରଙ୍କୁ କାବୁ କରିଥିଲା ଏସ୍‌ଟିଏଫ୍। ସେମାନେ ସ୍ନାତକଧାରୀ ସହ ବିସିଏ ପାଠ ପଢ଼ିଛନ୍ତି।
- କଳରାପତରିଆ ବାଘ ଛାଲ ଚୋରା ଚାଲାଣ ଅଭିଯୋଗରେ ଜଣେ ଅଧ୍ୟାପକଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। ଗିରଫ ଅଧ୍ୟାପକ କିଶୋର ଚନ୍ଦ୍ର ଦେହୁରୀ ନୟାଗଡ଼ର ଏକ ଘରୋଇ କଲେଜରେ ଅଧ୍ୟାପକ ଥିଲେ। ସେ କଳରାପତରିଆ ଛାଲକୁ ୧୦ ଲକ୍ଷରେ ବିକ୍ରି କରୁଥିବାବେଳେ ଧରାପଡ଼ିଯାଇଥିଲେ।
- ଓଟିପି ସେୟାରିଂ ମାମଲା ତଥା ପାକିସ୍ତାନକୁ ଗୁପ୍ତତଥ୍ୟ ଦେଉଥିବା ଆଇଟିଆଇ ଶିକ୍ଷକ ପଠାଣିସାମନ୍ତ ଲେଙ୍କାଙ୍କୁ ଗିରଫ କରାଯାଇଥିଲା। ସେ ପାକିସ୍ତାନ ଏଜେଣ୍ଟଙ୍କ ଜରିଆରେ ଓଡ଼ିଶାରୁ ପଠାଉଥିଲେ ବେନାମୀ ସିମ୍।
- ଜମି ତଞ୍ଚକତାରେ ଛନ୍ଦି ହୋଇ ଠକେଇ କରୁଥିବା ୨ଜଣ ବରିଷ୍ଠ କିରାଣିଙ୍କୁ ଗିରଫ କରିଥିଲା କମିସନରେଟ ପୁଲିସ। ସେମାନେ ହେଲେ ଖଣ୍ଡଗିରି ଓ ଜଟଣୀ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟର ବରିଷ୍ଠ କିରାଣି ସଞ୍ଜୟ କୁମାର ଷଡ଼ଙ୍ଗୀ ଓ ରାଜୀବ ଲୋଚନ ମହାପାତ୍ର।
- ମୋବାଇଲ ଦୋକାନରୁ ଲୁଟ୍ କରୁଥିବା ଏମ୍‌ବିଏ ପଢୁଆ ଲୁଟେରାକୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଯୁବକ ଆଦର୍ଶ ଗୌତମ ପାଣିଗ୍ରାହୀ। ସେ ଚାକିରିରୁ ଛୁଟିରେ ଆସି ଲୁଟ୍‌ପାଟ୍ କରୁଥିଲା।
- ମନ୍ତ୍ରୀଙ୍କ ପିଏ ନାଁ କହି ୩୧ ହଜାର ଟଙ୍କା ଠକେଇ ଅଭିଯୋଗରେ ୩ ଜଣ ଗରିଫ ହୋଇଥିଲେ। ଏଥିରେ ମାଷ୍ଟର ମାଇଣ୍ଡ ଥିଲା ସୌମ୍ୟରଞ୍ଜନ ପ୍ରଧାନ ଓରଫ୍ ମନୀଷା। ସେ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଡିପ୍ଲୋମା ପାଠ ପଢ଼ିଥିଲେ।
- ଚୋରି କରି ପ୍ରେମିକାକୁ ଦାମୀ ଉପହାର ଦେଉଥିବା ପ୍ରେମିକକୁ ଗିରଫ କରିଥିଲା ପୁଲିସ। ଗିରଫ ଯୁବକ ହେଲେ ସଞ୍ଜୟ ନିଶାଙ୍କ। ଶିକ୍ଷାଗତ ଯୋଗ୍ୟତା ବିବିଏ ପାସ୍। କିନ୍ତୁ ସେ ଡେଲିଭରୀ ବଏ ଭାବେ କାମ କରିବା ସହ ଲୁଟ୍‌ପାଟ୍ କରି ପ୍ରେମିକକୁ ଦେଉଥିଲା।
- ଇନ୍‌ଫୋସିଟି ଥାନା ଅଞ୍ଚଳରୁ ଏକ ଘରୋଇ ଶିକ୍ଷାନୁଷ୍ଠାନର ଲେଡିଜ୍ ହଷ୍ଟେଲରୁ ଚୋରି କରୁଥିବା ଏମ୍‌ବିଏ ଛାତ୍ରୀ ପୂଜା ଶାହାକୁ ପୁଲିସ ଗିରଫ କରିଥିଲା। ସେ ଓ ତା'ର ସହଯୋଗୀ ଅହମ୍ମଦ ହୁସେନ୍ ଚୋରି ସାମଗ୍ରୀକୁ କୋଲକତାକୁ ଚାଲାଣ କରୁଥିଲେ।
- ରାଜଧାନୀରେ ନିଶା ଓ ବନ୍ଧୁକ କାରବାର କରି ସ୍ୱତନ୍ତ୍ର ଅପରାଧ ଶାଖା ପଞ୍ଝାରେ ପଡ଼ିଥିଲେ କେନ୍ଦ୍ରାପଡ଼ାର ଦୁଇ ଉଚ୍ଚଶିକ୍ଷିତ ଅଶ୍ରୁମୋଚନ ରାଉତ ଓ କେନ୍ଦୁଝରର ଅଭିଳାଷ ମିଶ୍ର। ଅଶ୍ରୁମୋଚନ ବି ଟେକ୍ କରିଥିବାବେଳେ ଅଭିଲାଷ ମେକାନିକାଲ ଇଞ୍ଜିନିୟରିଂ।

# ମଦୁଆ ଚାଳକଙ୍କ ଯୋଗୁଁ ବିପଦରେ ରାଜଧାନୀ ରାସ୍ତା

**ଭୁବନେଶ୍ୱର, ୧୭।୩(ସମିସ):**

ମଦୁଆ ଚାଳକଙ୍କ ଦମନ କ୍ଷେତ୍ରରେ ଧରପଗଡ଼କୁ ଜୋରଦାର କରିଛି କମିସନରେଟ୍ ପୁଲିସ। ଶୃଙ୍ଖଳିତ ଗାଡ଼ି ଚାଳନା ସହ ରାସ୍ତାରେ ସମସ୍ତେ ସୁରକ୍ଷିତ ଭାବେ ଚଳାଚଳ କରିବାକୁ ଗୁରୁତ୍ୱ ଦିଆଯାଉଛି। ମଦପିଇ ଗାଡ଼ି ଚଳାଇବାକୁ ସମ୍ପୂର୍ଣ୍ଣ ବାରଣ କରିବା ସହ ସହରର ରାସ୍ତା ମଦୁଆ ଚାଳକଙ୍କ ଲାଗି ମନା କରାଯାଇଛି। ତଥାପି ସହରରେ ମଦ୍ୟପ ଚାଳକଙ୍କ ସଂଖ୍ୟା ବଢୁଥିବାରୁ ଏହି ଧରପଗଡ଼କୁ ଆହୁରି ବ୍ୟାପକ କରାଯାଉଛି। ସହରର ପ୍ରତି ଛକରେ ଜୋରଦାର୍ ଚେକିଂ କରାଯାଇ ବେପରୁଆ ମଦ୍ୟପ ଚାଳକଙ୍କ ଗାଡ଼ି ଜବତ କରାଯାଉଛି। ନିଶାସକ୍ତ ଚାଳକଙ୍କ ନାମରେ ମାମଲା ରୁଜୁ କରିବା ସହ ଗାଡ଼ ଜବତ କରାଯାଉଛି। ଏହାକୁ ଆହୁରି କଠୋର କରିବା ଲାଗି ପୁଲିସ କମିସନର ସଞ୍ଜୀବ ପଣ୍ଡା କ୍ଷେତ୍ର ପରିଦର୍ଶନ କରୁଛନ୍ତି। ରାତିରେ ନାକା ଜଗିବା ସହ ଅଧିକାରୀ ଓ କର୍ମଚାରୀଙ୍କୁ ବଳ ବି ଯୋଗାଉଛନ୍ତି। କେବଳ ପୁଲିସ କମିସନର ନୁହନ୍ତି ଅତିରିକ୍ତ ପୁଲିସ କମିସନର ଅବିନାଶ କୁମାର ଓ ଡିସିପି ପ୍ରତୀକ ସିଂ ବି ରାତିରେ ଭୁବନେଶ୍ୱରରେ ଲାଗୁଥିବା ନାକାରେ ରହି ନିୟନ୍ତ୍ରଣ କରୁଛନ୍ତି।

ଏହିକ୍ରମରେ ଶନିବାର ପୁଣି ୬୮ଜଣ ମଦ୍ୟପ ଚାଳକଙ୍କୁ ଧରିବା ସହ ମାମଲା ରୁଜୁ କରାଯାଇଛି। ମଦପିଇ ଗାଡ଼ି ଚଳଉଥିବା ୬୭ଟି ଦୁଇ ଓ ଚାରିଚକିଆ ଗାଡ଼ିକୁ ଜବତ କରାଯାଇଛି। ଇନ୍‌ଫୋସିଟି ଓ ଚନ୍ଦ୍ରଶେଖରପୁରରେ ୧୧ଜଣ ଲେଖାଏଁ, ଲକ୍ଷ୍ମୀସାଗର ୬ଜଣ, ଖାରବେଳନଗର ୪ଜଣ, ଏୟାରପୋର୍ଟ ୩ଜଣ, ଜଟଣୀ, ତମାଣ୍ଡୋ, ବଡ଼ଗଡ଼, ଖଣ୍ଡଗିରି, ଧଉଳି, ସହିଦନଗର, ଇନ୍‌ଫୋଭ୍ୟାଲିରୁ ୨ଜଣ ଲେଖାଏଁ ଧରାପଡ଼ିଛନ୍ତି। ସେହିଭଳି ବାଲିଅନ୍ତା, ନୂଆପଲ୍ଲୀ, ଭରତପୁର, ପାହାଳ ଓ ମୈତ୍ରୀବିହାର ଥାନା ଅଞ୍ଚଳରେ ଜଣେ ଲେଖାଏଁ ଚାଳକଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସେହିପରି ଟ୍ରାଫିକ୍ ଥାନା-୧ ପକ୍ଷରୁ ୫ଟି ଗାଡ଼ି ଜବତ କରାଯାଇଥିବାବେଳେ ଟ୍ରାଫିକ ଥାନା-୨ ପକ୍ଷରୁ ୧୦ଟି ଗାଡ଼ି ଜବତ କରାଯାଇଛି। ମଦ୍ୟପ ଚାଳକ ଭବିଷ୍ୟତରେ ଯେମିତି ଗାଡ଼ି ନ ଚଳାଇ ପାରିବେ, ସେଥିପାଇଁ କଠୋର ପଦକ୍ଷେପ ନେଉଛି ପୁଲିସ। ଗାଡ଼ି ଲାଇସେନ୍ସକୁ ୩ଟି ସୋପାନରେ ବିଭକ୍ତ ହୋଇଛି। ପ୍ରଥମ ଦଫାରେ ଗାଡ଼ି ଚାଳକଙ୍କ ଲାଇସେନ୍ସ ୩ ମାସ ଲାଗି ବାତିଲ୍ କରାଯାଉଛି। ଦ୍ୱିତୀୟସୋପାନରେ ଚାଳକକୁ ଗିରଫ କରାଯିବା ସହ ଲାଇସେନ୍ସକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯାଉଛି। ତୃତୀୟ ସୋପନରେ ଗାଡ଼ିର ପଞ୍ଜୀକରଣକୁ କଳା ତାଲିକାଭୁକ୍ତ କରାଯିବା ସହ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବନି। ୨୦୦ରୁ ଅଧିକ ଚାଳକଙ୍କ ଲାଇସେନ୍ସ ବାତିଲ ପ୍ରକ୍ରିୟା ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

ରାଜଧାନୀରେ ମଦ୍ୟପ ଚାଳକଙ୍କୁ ଧରିବାକୁ ସବୁଦିନ ଧରପଗଡ଼ କରାଯାଉଛି। ବିଶେଷକରି ପ୍ରତ୍ୟେକ ଶନି ଓ ରବିବାର ଏହାକୁ ଗୁରୁତ୍ୱ ଦିଆଯାଇ ଯାଞ୍ଚ କରାଯାଉଛି। ଆଗକୁ ନିର୍ବାଚନ ଥିବାରୁ ଯାଞ୍ଚକୁ ଆହୁରି ଜୋରଦାର କରାଯାଉଛି। ଏହାକୁ ବଦଳାଇ ସବୁଦିନ ସହରରେ ନାକାବନ୍ଦୀ କରି ମଦ୍ୟପ ଚାଳକଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ନେବା ସହ ଗାଡ଼ି ଜବତ କରିବାକୁ ସମସ୍ତ ଥାନାକୁ କୁହାଯାଇଛି। ଏହିକ୍ରମରେ ଗତକାଲି ରାତିରେ ସମସ୍ତ ଥାନା ଅଞ୍ଚଳର ପ୍ରାୟ ୫୦ରୁ ଅଧିକ ଛକରେ ସ୍ଥାନୀୟ ପୁଲିସ ସହ ଦୁଇଟି ଥାନା ଟ୍ରାଫିକ୍ ଥାନା ପକ୍ଷରୁ ସାମିଲ ହୋଇ ଯାଞ୍ଚ କରିଥିଲେ। ଏହି ନାକାବନ୍ଦୀରେ ପୁଲିସ ଅଧିକାରୀ ଓ ଥାନା କର୍ମଚାରୀଙ୍କ ସମେତ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲା।

- ଫସିଲେ ୬୮ ଚାଳକ; ୬୭ ଗାଡ଼ି ଜବତ
- ମାସକରେ ଧରାପଡ଼ିଛନ୍ତି ୨୭୫ ମଦୁଆ ଚାଳକ
- କ୍ଷେତ୍ର ଅନୁଧ୍ୟାନରେ ପୁଲିସ କମିସନର ସଞ୍ଜୀବ ପଣ୍ଡା

## ସୁଧୁରୁନାହାନ୍ତି ଦାମୀ ଗାଡ଼ି ଚାଳକ

ଏତେ ଧରପଗଡ଼ ପରେ ବି ସୁଧୁରିନାହାନ୍ତି ଦାମୀ ଗାଡ଼ି ଚାଳକ। ଗାଡ଼ିର ଦାମ୍ କୋଟିଏ ପାର୍। କିନ୍ତୁ ରାତିରେ ମଦ ନିଶାରେ ଚାଳକ ଗାଡ଼ି ଚଳାଇ ଫେରୁଥିବା ସମୟରେ ଯାଞ୍ଚରେ ପୁଲିସ ହାବୁଡ଼ରେ ପଡ଼ି ଯାଉଛି। ପରେ ନାମୀଦାମୀ କମ୍ପାନୀର କାର୍‌ଗୁଡ଼ିକୁ ଜବତ କରୁଛି ପୁଲିସ। ସେଇ ଗାଡ଼ିଗୁଡ଼ିକ ଥାନା କିମ୍ବା ଟ୍ରାଫିକ୍ କାର୍ଯ୍ୟାଳୟ ସାମ୍ନାରେ ପ୍ରଦର୍ଶନ ହେଲା ଭଳି ଲମ୍ବା ଲାଇନ୍ ହୋଇ ଛିଡ଼ା ହୋଇଛି। ଗାଡ଼ି ଶୋ'ରୁମ୍‌ର ଭ୍ରମ ସୃଷ୍ଟି କଲାଭଳି ଏକକୁ ବଳି ଆରେକ ଦାମୀ ଗାଡ଼ି। ବିଏମ୍‌ଡବ୍ଲ୍ୟୁ, ପୋର୍ସେ, ଅଡି, ମର୍ସିଡିଜ୍, ସ୍କର୍ପିଓ, ଥର୍, ଟାଟା ହାରିଅର, ଏମ୍‌ଜି ହେକ୍ଟର, କିଆ ସେଲଟସ, ଟୟୋଟା, ହୋଣ୍ଡାସିଟି ଭଳି ଦାମୀଗାଡ଼ି ଓ ବାଇକ୍ ଜବତ ହୋଇଛି। ଭୁବନେଶ୍ୱର ସହରାଞ୍ଚଳ ଅର୍ଥାତ୍ ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର, ଲକ୍ଷ୍ମୀସାଗର, ସହିଦନଗର ଏବଂ ଖାରବେଳନଗର ଥାନା ଅଞ୍ଚଳରୁ ଅଧିକ ଦାମୀ କାର୍ ଜବତ ହୋଇଛି।

ତ୍ରିକୋଣୀୟ ପ୍ରେମରୁ ହତ୍ୟା ମାମଲା

# ନୟାଗଡ଼ ଗଲା କମିସନରେଟ୍ ପୁଲିସ

**ଭୁବନେଶ୍ୱର, ୧୭।୩(ସମିସ):**

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଚିନ୍ତାମଣିଶ୍ୱରର ଅଞ୍ଜନ ବେହେରା (୨୫)ଙ୍କୁ ହତ୍ୟା କରାଗଲା। ଏହି ହତ୍ୟାକାଣ୍ଡକୁ ଦୁଇ ଦିନ ବିତିଗଲାଣି। ହେଲେ ଇତି ମଧ୍ୟରେ ପୁଲିସ ହତ୍ୟାକାରୀକୁ ଧରିବାରେ ବିଫଳ ହୋଇଛି। ହେଲେ ଅଭିଯୁକ୍ତ କାହ୍ନୁ ପ୍ରଧାନ ଓରଫ ପିଙ୍କୁ ଏବଂ ତାର ପ୍ରେମିକା ନିହାରିକାକୁ ଧରିବାକୁ ଲକ୍ଷ୍ମୀସାଗର ଥାନାର ଏକ ଟିମ୍ ନୟାଗଡ଼ରେ ଡେରା ପକାଇଛି। ଆଉ ଏକ ଟିମ୍ ପୁରୀ ଏବଂ ସହର ଉପକଣ୍ଠରେ ଚଢ଼ଉ କରୁଛି। ଆଜି ଡୁମୁଡୁମାରୁ ସନ୍ଦେହରେ ପୁଲିସ ପିଙ୍କୁକୁ ସହଯୋଗ କରିଥିବା ୨ଜଣ ଯୁବକଙ୍କୁ ଉଠାଇ ପଚରାଉଚରା କରୁଛି। ଏହି ଦୁଇ ଜଣ ପିଙ୍କୁର ସାଙ୍ଗ ଥିବାରୁ ସେମାନଙ୍କ ବିଷୟରେ ଜାଣିବା ପାଇଁ ପୁଲିସ ସେମାନଙ୍କୁ ପଚରାଉଚରା କରୁଛି। ଆହୁରି ମଧ୍ୟ ପିଙ୍କୁ ଏବଂ ତା'ର ପ୍ରେମିକା ନିହାରିକାଙ୍କ ଫୋନ୍ କଲ୍ କଳ୍ପନା ନିକଟରେ ବନ୍ଦ ହୋଇଥିବାର ସିଡିଆର ରିପୋର୍ଟରୁ ଜଣାପଡୁଛି। ଆହୁରି ମଧ୍ୟ ହତ୍ୟାକାଣ୍ଡ ପୂର୍ବରୁ ପିଙ୍କୁ ଏବଂ ନିହାରିକାଙ୍କୁ ଫୋନ୍ କରିଥିବା ବ୍ୟକ୍ତିମାନଙ୍କ ଫୋନ୍‌କୁ ପୁଲିସ ସର୍ଭିଲାନ୍ସରେ ରଖିଛି। ସେମାନେ ଯଦି ପିଙ୍କୁ କିମ୍ବା ନିହାରିକାଙ୍କ ସହ କଥା ହେବେ ତୁରନ୍ତ ପୁଲିସ ଏହା ଜାଣି ସେମାନଙ୍କୁ କାବୁ କରି ନେବ। ଆଜି ପୁଲିସ ମୃତ ଅଞ୍ଜନଙ୍କ ମା' ଏବଂ ଗୌତମର ବୟାନ ନେଇଛି। ପୂରା ଘଟଣା ସମ୍ପର୍କରେ ପୁଲିସ ଜାଣିବାକୁ ପାଇଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ସହ ମଧ୍ୟ ପୁଲିସ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଆଲୋଚନା କରିଛି।

ନିହାରିକାକୁ ଭଲ ପାଉଥିଲା ହତ୍ୟାକାରୀ ପିଙ୍କୁ। ସେପଟେ ନିହାରିକାଙ୍କ ସହ ୟୁନିଟ୍-୫ର ଗୌତମ ନାମକ ଯୁବକ ବିଭିନ୍ନ ସମୟରେ କଥାବାର୍ତ୍ତା ହେଉଥିଲେ। କାରଣ ନିହାରିକା କଲେଜରେ ପଢ଼ିବା ସମୟରେ ଗୌତମ ସହ ବନ୍ଧୁତା ହୋଇଥିଲା। ଏହାକୁ ସହି ପାରୁନଥିଲା ପିଙ୍କୁ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ମଧ୍ୟ ହେଉଥିଲା। ଗୌତମ ନିଜର ସାଙ୍ଗ ବୋଲି ନିହାରିକା ପିଙ୍କୁ ଆଗରେ ସଫେଇ ଦେଉଥିଲେ ବି ସେ ମାନିବାକୁ ନାରାଜ ଥିଲା। ଏପରିକି ପିଙ୍କୁ ନିହାରିକାଙ୍କ ସାଙ୍ଗମାନଙ୍କୁ ତାଙ୍କ ସହ କଥା ହେବାକୁ ରୋକ୍‌ଠକ୍ ମନା କରି ଦେଇଥିଲେ। ଗତ ଶୁକ୍ରବାର ଏ ନେଇ ଗୌତମକୁ ଭେଟିବାକୁ ନିହାରିକା ଡାକିଥିଲେ। କାରଣ ନିହାରିକା ସମ୍ମୁଖରେ ଗୌତମ କଥା ହେଉଛି କି ନାହିଁ ମୁକାବିଲା କରିଥାନ୍ତେ। ଗୌତମ ଏକ କ୍ୟାଟରିଂ ସଂସ୍ଥାରେ କାମ କରୁଥିବାରୁ ସେ ଦେଖା କରିପାରିବ ନାହିଁ ବୋଲି ମନା କରି ଦେଇଥିଲେ। ରାତି ପ୍ରାୟ ୨ଟାରେ ଜଟଣୀ ଅଞ୍ଚଳରୁ କ୍ୟାଟରିଂ କାମ ସାରି ଗୌତମ ଏବଂ ସାଙ୍ଗ ଅଞ୍ଜନ ଚିନ୍ତାମଣିଶ୍ୱର ଘରକୁ ଫେରୁଥିଲେ। ପୂର୍ବରୁ ପିଙ୍କୁ, ପ୍ରେମିକା ନିହାରିକା ଓ ୩ ଜଣ ସହଯୋଗୀ ଚମ୍ପା ପୋଖରୀ ନିକଟରେ ଛିଡ଼ା ହୋଇଥିଲେ। ସେଠାରେ କଥା ହେବା ସମୟରେ ଗୌତମ ସହ ପିଙ୍କୁର ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଏଣ୍ଟ୍ରି ମାରିଥିଲା ଅଞ୍ଜନ। ଏତେ ରାତିରେ କାହିଁକି ଏଠାରେ ପାଟିତୁଣ୍ଡ କରୁଛ ବୋଲି ଅଞ୍ଜନ କହିଥିଲେ। ଏହାକୁ ନେଇ ପିଙ୍କୁ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଗଣ୍ଡଗୋଳ କରିବା ପାଇଁ ଗୌତମ ତାର ଘନିଷ୍ଠ ସାଙ୍ଗ ଅଞ୍ଜନକୁ ସାଙ୍ଗରେ ଆଣିଥିବା ପିଙ୍କୁ ଭାବି ନେଇଥିଲା। ସାମାନ୍ୟ ବଚସା ପରେ ପିଙ୍କୁ ସାଙ୍ଗରେ ଆଣିଥିବା ଖଣ୍ଡାରେ ଅଞ୍ଜନଙ୍କୁ ଚୋଟ ମାରି ହତ୍ୟା କରିଥିଲେ।



- ସହଯୋଗ କରିଥିବା ୨ଜଣଙ୍କୁ ଧରିଲା ପୁଲିସ
- ଶୁଖୁନି ଅଞ୍ଜନ ମା'ଙ୍କ ଆଖିରୁ ଲୁହ
- ସାହିପଡ଼ିଶା ନିର୍ବାକ୍


## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ଁ ଲାଲବାହାଦୂର ସାହୁ

(ପୂର୍ବତନ ନଗରପାଳ, କୋଣାର୍କ ଏନ୍‌ଏସି )

ଆବିର୍ଭାବ:- ୧୧.୦୧.୧୯୬୬

ତିରୋଧାନ:- ୧୮.୦୩.୨୦୨୦

ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-

ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ

# ଭୁବନେଶ୍ୱର ସିଟି



**ବଦଳୁଛି ପାର୍କର ରଙ୍ଗ**

# ବଢୁଛି କଂକ୍ରିଟ୍ ନିର୍ମାଣ; ଫିକାଫିକା ସବୁଜିମା

ଭୁବନେଶ୍ୱର, ୧୭।୩(ସମିସ):

ବଦଳୁଛି ପାର୍କର ରଙ୍ଗ। ଦିନଥିଲା, ସହରୀ ପାର୍କଗୁଡ଼ିକ ସବୁଜ ଦେଖାଯାଉଥିଲା। ପାର୍କର ପ୍ରତ୍ୟେକ କୋଣ ଅନୁକୋଣ କେବଳ ଗଛବୃଛରେ ପରିପୂର୍ଣ୍ଣ ରହୁଥିଲା। ହେଲେ ଏବେ ପାର୍କର ରଙ୍ଗ ବଦଳିବାରେ ଲାଗିଛି। ହଜିବାରେ ଲାଗିଛି ସବୁଜିମା, ତା' ବଦଳରେ ବଢ଼ିବାରେ ଲାଗିଛି କଂକ୍ରିଟ ନିର୍ମାଣ। କଂକ୍ରିଟ୍ ରଙ୍ଗରେ ରଙ୍ଗେଇ ହେଉଛି ଅଧିକାଂଶ ପାର୍କ। ପେଭର୍ ବ୍ଲକ, ଟାଇଲ, ମାର୍ବଲରେ ଓ କଂକ୍ରିଟ ନିର୍ମାଣରେ ପାର୍କ ଚକଚକିଆ ଦେଖାଯାଉଛି। ଏପରିକି କିଛି ପାର୍କରେ ଘାସର ପରିମାଣ ବହୁତ କମ୍ ଦେଖାଯାଉଛି। ସହର ଭିତର ତାପମାତ୍ର କମାଇବାକୁ ନେଚର ପାର୍କର ନିର୍ମାଣ ହୋଇଥାଏ। ହେଲେ ଉନ୍ନତିମୂଳକ କାର୍ଯ୍ୟ ଆଳରେ ସହରୀ ପାର୍କର କଂକ୍ରିଟକରଣ ଏହାର ତାପମାତ୍ରାକୁ ବଢ଼ାଇ ଚାଲିଛି। ଭୁଲ ପ୍ରମାଣିତ ହେଉଛି ସହର ଭିତରେ ପାର୍କ ନିର୍ମାଣର ମୂଳ ଉଦ୍ଦେଶ୍ୟ। ଯାହାକୁ ନେଇ ପରିବେଶବିତ୍ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅଧିକାଂଶ ପାର୍କରେ ଏବେ ଜଗିଂ ଟ୍ରାକ୍, ସାଇକଲିଂ ଟ୍ରାକ୍, ଓପନ ଜିମ୍, ପାଠାଗାର, ଯୋଗ ସ୍ଥଳକୁ କଂକ୍ରିଟ୍‌ରେ ନିର୍ମାଣ କରାଯାଉଛି। ବହୁତ କମ୍ ସ୍ଥାନରେ ଚାଲିବା ସ୍ଥାନରେ ମାଟି କିମ୍ବା ମୋରମ୍ ରହୁଛି। କଣ୍ଟ୍ରାକ୍ଟର ତାଙ୍କ ମନଇଚ୍ଛା ପେଭର୍ ବ୍ଲକ ବିଛାଇ ଚାଲୁଛନ୍ତି। ବୈଜ୍ଞାନିକ ପଦ୍ଧତିରେ ବିଛାଇବା ନେଇ କେଉଁଠି ବି ଚିହ୍ନବର୍ଣ୍ଣ ରହୁ ନାହିଁ। ଖରାରେ ପେଭର୍ ବ୍ଲକ ତାତିଯାଇ ସେଥିରୁ ବାମ୍ଫ ବାହାରୁଛି। ପାର୍କ ଭିତରେ ଏଭଳି ବିଛାଯାଇଥିବା ପେଭର୍ ବ୍ଲକର ରାସ୍ତାରେ ଚାଲିଲା ବେଳେ ଜାତୀୟ ରାଜପଥର ତତଲା ପବନ ମାଡ଼କୁ ମନେପକାଇ ଦେଉଛି। ଲୋକେ ପ୍ରାକୃତିକ ପରିବେଶରେ ବୁଲାଚଲା କରିବା ବଦଳରେ ଘର ଭିତରେ ରହିବାକୁ ବେଶ୍ ପସନ୍ଦ କରୁଛନ୍ତି। ସେହିପରି ପାର୍କ ମଧ୍ୟରେ ମୁକ୍ତାକାଶ ଜିମ୍ ଏହାର ଅଧିକାଂଶ ସ୍ଥାନକୁ କଂକ୍ରିଟରେ ପରିଣତ କରିଦେଇଛି। ଏହା ପାର୍କ ଭିତର ତାପମାତ୍ର ବଢ଼ାଇବା ସହ ଗ୍ରାଉଣ୍ଡ ୱାଟର୍ ରିଚାର୍ଜରେ ବାଧା ସୃଷ୍ଟି କରୁଛି। କିଛି ରାଜ୍ୟରେ ସରକାର ପାର୍କର ଉନ୍ନତିକରଣ ପାଇଁ ଆଦୌ ଅର୍ଥ ଦେଉ ନାହାନ୍ତି।

ରାଜଧାନୀରେ ବିଭିନ୍ନ ପାର୍କର ପରିଚାଳନା କରୁଥିବା ବିଡିଏ ଓ ବିଏମ୍‌ସିର କିଛି ଅଧିକାରୀ କୁହନ୍ତି, ସାରା ଦେଶରେ ପୌରପାଳିକା ଏବଂ ଉନ୍ନୟନ କର୍ତ୍ତୃପକ୍ଷଗୁଡିକ ଏଭଳି ରେସ୍‌ରେ ଲାଗିପଡ଼ିଛନ୍ତି। ଏଠାରେ କଂକ୍ରିଟ ନିର୍ମାଣ ହେବା ଦ୍ୱାରା ପାର୍କରେ ରକ୍ଷଣାବେକ୍ଷଣ ଖର୍ଚ୍ଚ କମିଯିବ। କମ୍ ଲୋକ ନିୟୋଜିତ ହେବେ ଅଧିକ ସଂଖ୍ୟାକ ପାର୍କ ନିର୍ମାଣ ହେବ। ସେଥିପାଇଁ ପୂର୍ବଭଳି ପ୍ରାକୃତିକ ପରିବେଶକୁ କମ୍ ଧ୍ୟାନ ଦିଆଯାଉଛି।

ସୂଚନାଯୋଗ୍ୟ ରାଜଧାନୀ ଭୁବନେଶ୍ୱରରେ ବିଡିଏ ଅଧୀନରେ ୫୦ରୁ ଊର୍ଦ୍ଧ୍ୱ ପାର୍କ ରହିଛି। ପାର୍କକୁ ନୂଆ ରୂପ ଦିଆଯାଉଛି। ନୂଆ ରୂପର ଅର୍ଥ ପାର୍କର ସବୁଜ ରଙ୍ଗକୁ ହାଟାଇ କଂକ୍ରିଟ ନିର୍ମାଣ କରିବା ବୋଲି କହି ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

## ଚିଲ୍ଡ୍ରେନ୍ ପାର୍କ ଯିବାକୁ ଡର ଲାଗୁଛି



ପାର୍କକୁ ଯିବାକୁ ବିଶେଷ କରି ପିଲମାନେ ଘରେ ଜିଦ୍ କରନ୍ତି। ହେଲେ ଏହାକୁ କଂକ୍ରିଟକରଣ କରାଯିବା ଦ୍ୱାରା ବିଭିନ୍ନ ସମୟରେ ପିଲା ଏଠାରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଫଳରେ ଅଭିଭାବକ ଏଠାକୁ ପିଲାଙ୍କୁ ନେବା ପାଇଁ ଡରୁଛନ୍ତି। ଏହାପାରେ ପାର୍କକୁ ଯିବାକୁ ପିଲା ଭୟ କରଛନ୍ତି। ପିଲାଙ୍କ ଖେଳ ସ୍ଥାନ କଂକ୍ରିଟ ହେଉଥିବାରୁ ଅଭିଭାବକମାନେ ଛାଡୁ ନାହାନ୍ତି। ତେବେ ଗୋଟିଏ ପଟେ ସବୁ ଚିଲଡ୍ରେନ୍ ପାର୍କକୁ କଂକ୍ରିଟକରଣ କରାଯାଉଥିବାରୁ ଭିନ୍ନକ୍ଷମ ପିଲାଙ୍କୁ ଏଠାରେ ଖେଳିବାକୁ ଅସୁବିଧା ହେଉଛି। ପାଦରେ ଘାସ କିମ୍ବା ମାଟି ନ ବାଜବାରୁ ପିଲା ପ୍ରାକୃତିକ ପରିବେଶ ଠାରୁ ଦୂରେଇ ଯାଉଛନ୍ତି।



ସହରୀ ପାର୍କ ଗୁଡ଼ିକର କଂକ୍ରିଟକରଣ ହେବା ଠିକ୍ କଥା ନୁହେଁ। ପାର୍କରେ ସାଇକେଲ ଟ୍ରାକ୍ କରି ଏହାକୁ କଂକ୍ରିଟମୟ କରା ନ ଯାଉ। ସେହିପରି ରାସ୍ତା କଡ଼ରେ ପକାଯାଉଥିବା ପେଭର ମନଇଚ୍ଛା ଭାବେ ବିଛାଯାଉଛି। ଯାହାଫଳରେ ଏଥିରେ ଘାସ ବି ଉଠୁ ନାହିଁ।

**ଡଃ ପୀୟୂଷ ରଞ୍ଜନ ରାଉତ୍**
ଅର୍ବାନ ପ୍ଲାନର



ପାର୍କରେ ପିଲାଙ୍କ ଖେଳିବା ସ୍ଥାନକୁ କଂକ୍ରିଟକରଣ କରିବା ଦ୍ୱାରା ପିଲାମାନେ ଖଣ୍ଡିଆ ଖାବରା ହେଉଛନ୍ତି ଓ ଭିନ୍ନକ୍ଷମ ପିଲାମାନେ ପାର୍କରେ ଖେଳିବାର ଆଶା ହରାଇ ବସୁଛନ୍ତି। ପିଲାଙ୍କ ପାର୍କକୁ ଘାସ ଏବଂ ମାଟିରେ ତିଆରି କରାଯାଉ।

**ବେଣୁଧର ସେନାପତି**
ଶିଶୁ ଅଧିକାର କର୍ମୀ

ପାର୍କ କଂକ୍ରିଟକରଣ ହେବା ଦ୍ୱାରା ଏହାର ତାପମାତ୍ରା ବଢୁଛି, ଗ୍ରାଉଣ୍ଡ ୱାଟର ରିଚାର୍ଜ କମୁଛି। ଏହାଦ୍ୱାରା ଲୋକଙ୍କର କୌଣସି ସ୍ୱାର୍ଥ ସାଧନ ହେଉନାହିଁ।

**ସ୍ୱପ୍ନାଶ୍ରୀ ଷଡ଼ଙ୍ଗୀ**
ଜେନେରାଲ ମ୍ୟାନେଜର, ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି (ଏଫ୍ଇଏସ୍)



**ଜୀବନର କେତେ ରଙ୍ଗ**

# ଶବ ସହ ବିତେ ଜିତେନ୍ଦ୍ରଙ୍କ ଦିନ

## ସ୍ୱର୍ଗରଥ ଚଲାଇ ପୋଷନ୍ତି ପରିବାର

ଭୁବନେଶ୍ୱର, ୧୭।୩ (ସମିସ): ବାଟରେ ଶବ ଯାଉଥିବା ଦେଖିଲେ ଲୋକେ ମୁହୂର୍ତ୍ତେ ଅଟକି ଶେଷ ସମ୍ମାନ ସୂଚକ ଜୁହାର କରି ବାଟ କାଟି ଚାଲିଯାନ୍ତି। ଶବକୁ ଦେଖିଲେ ମନରେ ଭୟ ଆସିବା ସହ ନିଜକୁ ଅସହଜ ମନେକରନ୍ତି। ହେଲେ ଜିତେନ୍ଦ୍ରଙ୍କ କଥା ନିଆରା। ପ୍ରତିଦିନ ଅଚିହ୍ନା ଶବ ସହ କଟେ ତାଙ୍କର ଅଧିକାଂଶ ସମୟ। ଶବ ବାହାକର ଦାୟିତ୍ୱ ନେଇ ତା'ର ଶେଷ ଠିକଣାରେ ପହଞ୍ଚାନ୍ତି ସେ। ପେଷାରେ ସେ ଜଣେ ଡ୍ରାଇଭର। ମହାପ୍ରୟାଣ ଗାଡ଼ି ଚଲାଇ ନିଜ ପରିବାର ପୋଷନ୍ତି। ଏ ହେଉଛି କଳ୍ପନା ଛକରେ ରହୁଥିବା ଜିତେନ୍ଦ୍ର ବେହେରାଙ୍କ ନିତିଦିନିଆ କାମ। ସ୍ୱର୍ଗରଥର ଚାଳକ ଭାବେ ସେ ଦୀର୍ଘ ୧୦ ବର୍ଷ ହେଲାଣି କାମ କରି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ଶହ ଶହ ଶବକୁ ନିଜ ସ୍ୱର୍ଗରଥରେ ନେଇଛନ୍ତି। ଯେଉଁଠି ନିଜ ପ୍ରିୟଜନଙ୍କୁ ମଧ୍ୟ ଲୋକେ ମୃତ୍ୟୁ ପରେ ଭୁଲିଯାଉଛନ୍ତି, ସେଠାରେ ଜିତେନ୍ଦ୍ର ସହାୟ ହୋଇ ଶବକୁ ନିଜ ସ୍ୱର୍ଗରଥ ସାହାଯ୍ୟରେ ମଶାଣିରେ ପହଞ୍ଚାଇ ଦେଉଛନ୍ତି। ତାଙ୍କ ଅନୁଭୂତି ବିଷୟରେ ଜିତେନ୍ଦ୍ର କୁହନ୍ତି ଦୀର୍ଘ ଦିନ ହେଲାଣି ସେ ସ୍ୱର୍ଗରଥକୁ ଚଲାଉଛନ୍ତି। ପ୍ରତିଦିନ ଶବ ସହ ତାଙ୍କର ଅଧିକାଂଶ ସମୟ କଟିଥାଏ। ଅନେକ ଦୂର ଦୂରାନ୍ତ ପର୍ଯ୍ୟନ୍ତ ମଧ୍ୟ ଶବ ନେଇ ଯାଇଛନ୍ତି। ପ୍ରତିଦିନ ଶବ ଦେଖିବା ଓ ଆଖି ଆଗରେ ସେମାନଙ୍କ ପରିବାର, ଆତ୍ମୀୟମାନଙ୍କ ଧୈର୍ଯ୍ୟହରା ଦୃଶ୍ୟ ରାତିରେ ନିଦ ହଜାଇଲା ପରି ଲାଗେ। ହେଲେ ସେସବୁ ପରେ ବି ଶବକୁ କିପରି ଶବ ଦାହ ସ୍ଥାନକୁ ପହଞ୍ଚାଇ ହେବ ତାହା ହିଁ ମୋ ଲକ୍ଷ୍ୟ ଥାଏ ବୋଲି ସେ କୁହନ୍ତି। ଆଜିକାଲି ଲୋକଙ୍କୁ ସବୁଠୁ କଠିନ ସମୟ ବିଷୟରେ ପଚାରିଲେ କରୋନା ସମୟ ବୋଲି ହିଁ କହିବେ। କାରଣ ସବୁ ଆଡ଼େ ଲକ୍ ଡାଉନ୍‌ର ପରିସ୍ଥିତି ସହ ଘରେ ଘରେ କରୋନା ବ୍ୟାପୁଥିଲା। ଘରୁ ଗୋଡ଼ କାଢ଼ିବାକୁ ବି ଲୋକ ଡରୁଥିଲେ। ହେଲେ ସେଭଳି ସମୟରେ ବି ଯେଉଁଠୁ ଗାଡ଼ି ପାଇଁ ଫୋନ୍‌ଟେ ଆସୁଥିଲା ସେଠାକୁ ତୁରନ୍ତ ପହଞ୍ଚିବାକୁ ପଡୁଥିଲା। କେବଳ ସେତିକି ନୁହେଁ, ଅନେକ କରୋନା ମୃତକଙ୍କ ମୃତ ଶରୀରକୁ ହାତରେ ଧରି ଗାଡ଼ିରେ ଭର୍ତ୍ତି କରିବାକୁ ପଡ଼ିଛି। ଯେଉଁ ସମୟରେ ପରିବାର ଲୋକ ମଧ୍ୟ ନିଜ ଲୋକଙ୍କ ପାଖକୁ ଆସିବାକୁ ଡରୁଥିଲେ, ସେ ସ୍ଥିତିରେ ମାଳ ମାଳ ଶବ ସହ ସାମ୍ନା କରିବାକୁ ପଡ଼ିଥିଲା ବୋଲି କୁହନ୍ତି ଜିତେନ୍ଦ୍ର।

ପରିବାର ପୋଷିବା ପାଇଁ ସେଭଳି ସମୟରେ ନିଜ ପରିବାରଠୁ ବି ଦୂରେଇ ରହିବାକୁ ପଡ଼ିଛି। ନିଜ ଜୀବନ ପ୍ରତି ଭୟ ନକରି ଆଜି ବି ସେ ଅନେକ ଅଚିହ୍ନା ଶବଗୁଡ଼ିକୁ ବୋହି ଚାଲିଛନ୍ତି। ଦିନକୁ ଗୋଟେ ଶବ ବୋହିଲେ ୩ ହଜାର ଲେଖାଏଁ ଭଡ଼ା ନିଅନ୍ତି। ଏହା ଜାଗା ଅନୁଯାୟୀ ସ୍ଥିର ହୋଇଥାଏ। ଯେଉଁଠି ପରିବାର ଲୋକଙ୍କ କାନ୍ଧ ନଇଁଯାଏ ସେଠାରେ ଜିତେନ୍ଦ୍ର କାନ୍ଧ ଦେଇ ଶବକୁ ନେବାରେ ସାହାଯ୍ୟ କରନ୍ତି। ତାଙ୍କ ବିଶ୍ୱାସ ଯେ ସ୍ୱର୍ଗରଥରେ ଶବକୁ ମଶାଣି ବା ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ନେଇ ପହଞ୍ଚାଇବା ହେଉଛି ସବୁଠୁ ପୁଣ୍ୟର କାମ। ସେଥିପାଇଁ ଏ କାମ ପ୍ରତି କେବେହେଲେ ଘୃଣ୍ୟ ଭାବ ଆସି ନାହିଁ। ଆଗକୁ ମଧ୍ୟ ଯେତେ ଯାଏଁ କାନ୍ଧରେ ବଳ ଓ ଦୃଢ଼ ମନ ବଳ ଥିବ ସେତେ ଯାଏଁ ଶବ ବୋହିବା କାମ କରୁଥିବେ ବୋଲି ଜିତେନ୍ଦ୍ର କହିଛନ୍ତି।




## ଗାଡ଼କଣରେ କଂଗ୍ରେସ କର୍ମୀ ବୈଠକ

ନନ୍ଦନକାନନ, ୧୭।୩(ସମିସ): ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ବିଏମ୍‌ସି ୱାର୍ଡ ନମ୍ବର ୯ ଗାଡ଼କଣ ଗ୍ରାମର ଖଣ୍ଡୁଆଳି ମନ୍ଦିର ପ୍ରାଙ୍ଗଣରେ ବ୍ଲକ ୩ ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ଅଧକ୍ଷତାରେ କଂଗ୍ରେସ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ଗଣମାଧ୍ୟମ ଅଧକ୍ଷ ତଥା ବ୍ଲକ ୨ ସଭାପତି ଅଶୋକ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ୩ ସଭାପତି ମନୋରଞ୍ଜନ ଜେନା, ଜିଲ୍ଲା ସମ୍ପାଦକ ଗୟାଧର ସେଠ, ଦେବାଶିଷ ଦାସ ଓ ହଜାରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ପଟିଆ କଲେଜରେ ଭାରତୀୟ ଭାଷା ସମ୍ମିଳନୀ

ନନ୍ଦନକାନନ, ୧୭।୩(ସମିସ): ମାତୃଭାଷା, ମାତୃଭୂମି ଏବଂ ମୋ ମାତୃଭାଷା - ମୋ ଗର୍ବ ଶୀର୍ଷକରେ ରବିବାର ଏକ ଜାତୀୟ କର୍ମଶାଳା ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଭାଷା ସମିତି, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର, ବିଦ୍ୟାଭାରତୀ ଉଚ୍ଚ ଶିକ୍ଷା ସଂସ୍ଥାନ ଓ ରାଜା ମଧୁସୂଦନଦେବ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ସେମିନାରରେ ପଶ୍ଚିମବଙ୍ଗ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତାପସ ଚକ୍ରବର୍ତ୍ତୀ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଟ୍ୱିଙ୍କିଲ୍ ପୃଷ୍ଟି, ବିଶ୍ୱଭାରତୀ ଶାନ୍ତି ନିକେତନର ପ୍ରଫେସର ଇନ୍ଦ୍ରମଣି ସାହୁ, ଭାଷା ବିଶାରଦ ପ୍ରଫେସର ହରେକୃଷ୍ଣ ଶତପଥୀ, ଡ. ବସନ୍ତ ପଣ୍ଡା, ଡ. ନିଶାମଣି କର, ଡ. କିଶୋର ଚନ୍ଦ୍ର ମହାନ୍ତି, ଡ. ଜ୍ଞାନ ରଞ୍ଜନ ସ୍ୱାଇଁ, ଡ. ପ୍ରଦୀପ୍ତ ପଣ୍ଡା, ଲେଖକ ନିହାର ରଞ୍ଜନ ଦାସ, ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତିର ଓଡ଼ିଶା ରାଜ୍ୟ ସଂଗଠନ ସମ୍ପାଦକ ତାରକ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ୩ଶହରୁ ଊର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# 'ମମତା' ପାଳିଲା ମହିଳା ଦିବସ




ଭୁବନେଶ୍ୱର, ୧୭।୩ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମମତା', ବିଦ୍ୟାଭବନ ଓ ଥିଙ୍କ ଟ୍ୟାଙ୍କରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ମହିଳାମାନଙ୍କୁ ସୁଯୋଗ ଦିଅ ଓ ପ୍ରଗତି ତ୍ୱରାନ୍ୱିତ କର' ଶୀର୍ଷକରେ ଏକ ସେମିନାର କରାଯାଇଥିଲା। ଏଥିରେ ଶାନ୍ତା ମେମୋରିଆଲର ନିର୍ଦ୍ଦେଶିକା ପ୍ରଫେସର ଆଶା ହଂସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଶ୍ରମ ବିଭାଗର ପୂର୍ବତନ ସଚିବ ଲକ୍ଷ୍ମୀଧର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଭବନର ଭାରାପ୍ରାପ୍ତ ଅଧକ୍ଷ କର୍ଣ୍ଣେଲ ପ୍ରକାଶ ପାଣି ଅନ୍ୟତମ ବକ୍ତାଭାବେ ସାମିଲ୍ ହୋଇଥିଲେ। ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଅଧକ୍ଷା ଶିଳ୍ପୀ ସାହୁ ସ୍ୱାଗତ ଭାଷଣ ରଖିଥିଲେ। ମମତାର ନିର୍ଦ୍ଦେଶିକା ପ୍ରଫେସର ବିଜୟା ମିଶ୍ର ମମତା ପକ୍ଷରୁ ମା'ମାନଙ୍କ ପାଇଁ ହେଉଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମମତାର ସହ ନିର୍ଦ୍ଦେଶିକା ପ୍ରଫେସର ମଧୁମିତା ଦାଶ ଶୀର୍ଷକ ବିଷୟରେ ସୂଚନା ଦେଇଥିଲେ। ଏଥିରେ ବହୁ ଅନୁଷ୍ଠାନର ଶିକ୍ଷାବିତ ଭାଗ ନେଇଥିଲେ। ସିୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦଙ୍କ ସଭାପତିତ୍ୱରେ ବହୁ ଶିକ୍ଷାବିତ୍ ଯୋଗଦେଇ ମହିଳାଙ୍କ ବିକାଶ ଦିଗରେ ସେମାନଙ୍କର ମତ ରଖିଥିଲେ। ଏହି ଦିବସ ଅବସରରେ ଭୁବନେଶ୍ୱରର ପ୍ରଥମ ମହିଳା ଟାକ୍ସି ଡ୍ରାଇଭର ବିମଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁ ଓ ମହିଳା ବିକାଶର ଚେୟାରମ୍ୟାନ ମେଜର ଡଃ କଳ୍ପନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କୂଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

ଯାଁଳା, ୧୭।୩(ସମିସ): ରବିବାର ସନ୍ଧ୍ୟା ପ୍ରାୟ ୮ଟା ବେଳେ ଇନ୍‌ଫୋଭ୍ୟାଲି ଥାନା ଯାଁଳା ଦଶହରା ପଡ଼ିଆରେ ଥିବା ଏକ କୂଅକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳା ଜଣକ ହେଲେ ଆରାଧ ପଣ୍ଡା। ତାଙ୍କ ଘର କେନ୍ଦୁଝର ଜିଲ୍ଲା ଘଟଗାଁରେ। ସେ ଯାଁଳା ପଞ୍ଚାୟତ ରାଉତ ସାହିରେ ଭଡ଼ାରେ ରୁହନ୍ତି। ମିଳିଥିବା ସୂଚନା ଅନୁସାରେ ସନ୍ଧ୍ୟାରେ ଆରାଧ ଓ ତାଙ୍କ ସ୍ୱାମୀ ରମେଶଙ୍କ ମଧ୍ୟରେ କୌଣସି କାରଣରୁ ପାରିବାରିକ ଝଗଡ଼ା ହୋଇଥିଲା। ତେଣୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ଆରାଧା ଘର ନିକଟ ଦଶହରା ପଡ଼ିଆରେ ଥିବା ଏକ ପରିତ୍ୟକ୍ତ କୂଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସନ୍ଧ୍ୟା ହୋଇଥିବାରୁ ସେହି ପଡ଼ିଆରେ ବସିଥିବା କିଛି ଯୁବକ ଦେଖି ଡାକ ପକାଇବା ସହ ଦମକଳ ବାହାନିକୁ ଖବର ଦେଇଥିଲେ। ଖବର ପାଇ ଜଟଣୀ ଦମକଳବାହିନୀ ଓ ଇନ୍‌ଫୋଭ୍ୟାଲି ଥାନା ପିସିଆର ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ। ମହିଳା ଜଣକ କାହିଁକି ଆତ୍ମହତ୍ୟା ଉଦ୍ୟମ କଲେ ସେ ନେଇ ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ବିନା ବର୍ଷାରେ ରାସ୍ତାରେ ଜମୁଛି ପାଣି

## ୧୫ ଦିନ ହେଲା ସମସ୍ୟାରେ ସ୍ଥାନୀୟ ଲୋକେ



ଭୁବନେଶ୍ୱର, ୧୭।୩(ସମିସ):

ବିନା ବର୍ଷାରେ ରାସ୍ତାରେ ଭାସୁଛି ପାଣି। ଏହି ସମସ୍ୟା ଦୀର୍ଘ ୧୫ଦିନ ହେଲା ସୃଷ୍ଟି ହୋଇଥିଲେ ହେଁ କୌଣସି ସମାଧାନ ହୋଇପାରିନାହିଁ। ଯାହା ଫଳରେ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଦୃଶ୍ୟ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୱାର୍ଡ ନମ୍ବର ୪୦, କଂଗ୍ରେସ ଭବନ ପାଖ ଅର୍ଥାତ୍ ଗ୍ରୀନଚିଲ୍ଲୀ ପଛପଟ ରାସ୍ତାର ଅବସ୍ଥା। ୧୫ଦିନରୁ ଊର୍ଦ୍ଧ୍ୱ ହେବ ରାସ୍ତା ଉପରେ ପାଣି ଜମି ରହିଛି। ଏମିତିକି ଅନେକ ଲୋକଙ୍କ ଘରର ଗେଟ୍ ଆଗରେ ଏହି ପାଣି ଜମୁଥିବାରୁ ଲୋକେ ଘରୁ ବାହାରିବାକୁ ଓ ଘର ଭିତରକୁ ଯିବାକୁ ସମସ୍ୟା ଭୋଗୁଛନ୍ତି। ଘରୁ ବାହାରିଲେ ମଇଳା ପାଣି କୁଦି ଯିବାକୁ ପଡୁଛି। ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଆବର୍ଜନା ପାଣି ରାସ୍ତାରେ ଭାସୁଥିବାରୁ ଲୋକେ ନିଜେ ଯିବା କଷ୍ଟକର ହେଉଥିବାବେଳେ ଛୋଟ ପିଲା ଓ ବୟସ୍କ ବ୍ୟକ୍ତିଙ୍କୁ ଅଧିକ ସମସ୍ୟା ହେଉଛି।

ଏ ନେଇ ଏହି ୱାର୍ଡର କର୍ପୋରେଟର ଆସିଆ ବେଗମ୍ କୁହନ୍ତି ଏହା କୌଣସି ଡ୍ରେନ୍ ପାଣି ନୁହେଁ, କାରଣ ଏପଟେ ସ୍ୱେରେଜ ଲାଇନ୍ ଯାଇନାହିଁ। ଏହି ରାସ୍ତାର ଚାରିପଟେ ଥିବା ଦୋକାନରୁ ବାହାରୁଥିବା ଆବର୍ଜନା ଓ ଅପରିଷ୍କାର ପାଣିକୁ ଦୋକାନୀମାନେ ଏହି ରାସ୍ତାକୁ ଛାଡ଼ି ଦେଉଛନ୍ତି। ଫଳରେ ରାସ୍ତାର ଏପରି ଅବସ୍ଥା ହୋଇଛି। ସେମାନଙ୍କୁ ମନା କରିବା ପରେ ବି ସେମାନେ ମାନୁ ନାହାନ୍ତି। ବରଂ ଆହୁରି ଅଳିଆ ଆବର୍ଜନା ପକାଉଛନ୍ତି। ଏ ଦିଗରେ ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଉତ୍ତରପୁରୁଷର ବାର୍ଷିକ ନାଟକ ପରିକ୍ରମା ୨୦ରୁ



ଭୁବନେଶ୍ୱର, ୧୭।୩(ସମିସ): ନାଟ୍ୟ ସଂସ୍ଥା ଉତ୍ତରପୁରୁଷର ବାର୍ଷିକ ନାଟକ ପରିକ୍ରମା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଏ ନେଇ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଭୁବନେଶ୍ୱରସ୍ଥିତ ଶିକ୍ଷକ ଭବନ ପରିସରରେ ରବିବାର ଏ ନେଇ ଆୟୋଜିତ ଏକ ବୈଠକରେ ସଂସ୍ଥାର କର୍ମକର୍ତ୍ତା ସୂଚନା ଦେଇଥିଲେ। ୨୦ରୁ ୨୨ ମାର୍ଚ୍ଚ ଯାଏ ପ୍ରତ୍ୟହ ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପ ପ୍ରେକ୍ଷାଳୟରେ ସଂସ୍ଥା ପକ୍ଷରୁ ନିଜସ୍ୱ ୩ଟି ନାଟକ ପରିବେଷଣ କରାଯିବ। ଦୀର୍ଘ ୫୪ ବର୍ଷର ନାଟକ ଯାତ୍ରାରେ ଶତାଧିକ ନାଟକ ପରିବେଷଣ କରି ନାଟ୍ୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଉତ୍ତରପୁରୁଷ। ତିନି ଦିନର ନାଟକରେ ନାଟକ 'ମୃଗୟା' ଯାହାର ନାଟ୍ୟ ରଚନା କରିଛନ୍ତି ବିଶ୍ୱଜିତ୍ ଦାସ ଓ ନିର୍ଦ୍ଦେଶନା ଦେଇଛନ୍ତି ନିଶିକାନ୍ତ ଓ ରାଣେଶ, ୨୧ ତାରିଖର ନାଟକ ରହିଛି 'ଯାହା କହି ହୁଏନା'। ନାଟକ ରଚନା ଅଧ୍ୟାପକ ଡ. ନାରାୟଣ ସାହୁ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଡ. ପ୍ରସନ୍ନ ମିଶ୍ର। ସେହିପରି ଶେଷଦିନର ନାଟକ 'ସରକାର ଚିଠି'କୁ ନାଟ୍ୟରୂପ ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବଦତ୍ତ ପତି। ଏହି ଅବସରରେ ଚଳିତ ବର୍ଷଠାରୁ ଉତ୍ତରପୁରୁଷ ୪ଟି ପୁରସ୍କାର, ୩ ଜଣ ନାଟ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସ୍ଥିର କରିଛି। 'ଦର୍ଶକ ସଦସ୍ୟ ସମ୍ମାନ' ଶଶିପ୍ରଭା ଦାସ, 'ଗୌରୀଶ୍ୟାମ ମହାପାତ୍ର ସମ୍ମାନ' ପ୍ରଶାନ୍ତ କୁମାର ସ୍ୱାଇଁ ଓ 'ଉତ୍ତରପୁରୁଷ ସମ୍ମାନ' ରମେଶ ମହାନ୍ତି, 'ଅସୀମ ବସୁ ସମ୍ମାନ' ଧୀରେନ୍ଦ୍ର ନାଥ ମଲ୍ଲିକଙ୍କୁ ମିଳିବ। ସଠିକ୍ ସମୟରେ ନାଟକ ଆରମ୍ଭ କରିବାର ପରମ୍ପରା ଉତ୍ତରପୁରୁଷ ଦୀର୍ଘ ୫ ଦଶନ୍ଧି ଧରି ନିର୍ବାହ କରିଆସିଛି। ଚଳିତ ବର୍ଷ ମଧ୍ୟ ଧାର୍ଯ୍ୟ ସମୟ ୭ଟା ୧୦ରେ ନାଟକ ଆରମ୍ଭ କରିବ ବୋଲି ଅନୁଷ୍ଠାନର ସମ୍ପାଦକ ଦେବଦତ୍ତ ପତି ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି।



# ଭୁବନେଶ୍ୱର ସିଟି

# ‘କ୍ୟାପିଟାଲ ହସ୍ପିଟାଲ’ ଭାରତର ନମ୍ବର ୧

## ହାତେଇଲା ‘ଏନ୍‌କ୍ୱାସ୍’ ସାର୍ଟିଫିକେଟ୍

ଭୁବନେଶ୍ୱର, ୧୭ ।୩(ସମିସ):

ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଲା ପିଜିଆଇଏମ୍‌ଇଆର ଆଣ୍ଡ କ୍ୟାପିଟାଲ ହସ୍ପିଟାଲ। ଓଡ଼ିଶାର ୧ ନମ୍ବର ଡାକ୍ତରଖାନା ଭାବେ ସାରା ଭାରତବର୍ଷରେ ସମ୍ମାନ ସାଉଁଟିଲା କ୍ୟାପିଟାଲ ହସ୍ପିଟାଲ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ଜାତୀୟ ଗୁଣାତ୍ମକ ଆସ୍ୟୁରାନ୍‌ସ୍ ଷ୍ଟାଣ୍ଡାର୍ଡ




(ଏନ୍‌କ୍ୱାସ୍) ତରଫରୁ କ୍ୱାଲିଟି ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ତେବେ ଓଡ଼ିଶାର ସମସ୍ତ ଡାକ୍ତରଖାନା ମଧ୍ୟରୁ କ୍ୟାପିଟାଲ ହସ୍ପିଟାଲକୁ ନମ୍ବର ୱାନ ହସ୍ପିଟାଲ ଭାବେ ବିବେଚନା କରାଯାଇଛି।

ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜୁଲାଇ ୭ ତାରିଖରେ ଏନ୍‌କ୍ୱାସ୍ ଟିମ୍ ୩ ଦିନ ଧରି କ୍ୟାପିଟାଲ ହସ୍ପିଟାଲରେ ଥିବା ୧୮ଟି ବିଭାଗକୁ ବିସ୍ତୃତ ଭାବେ ଯାଞ୍ଚ କରିଥିଲେ। ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ଅସ୍ତ୍ରୋପଚାର, ରୋଗୀଙ୍କ ସୁରକ୍ଷା, ଜୀବାଣୁ ମୁକ୍ତ ପରିବେଶ, ମାନବସମ୍ବଳ ଏବଂ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁବିଧା ଭଳି ବିଭିନ୍ନ ବିଷୟ ଉପରେ ତଦାରଖ କରିଥିଲେ। ଏହି କ୍ଷେତ୍ରରେ ଉତ୍ତମ ବ୍ୟବସ୍ଥା ମିଳୁଥିବାରୁ ଏନ୍‌କ୍ୱାସ ଟିମ୍ ସନ୍ତୁଷ୍ଟ ହୋଇ ମାର୍କ ପ୍ରଦାନ କରିଥିଲା। ତେବେ ସମସ୍ତ ବ୍ୟବସ୍ଥାକୁ ତଦାରଖ କରି ‘ଏନ୍‌କ୍ୱାସ୍’ ତରଫରୁ କ୍ୟାପିଟାଲ ହସ୍ପିଟାଲକୁ ସାମଗ୍ରିକ ଭାବେ ୮୮ ପ୍ରତିଶତ ମାର୍କ ଦେଇଥିଲା। ଏନ୍‌କ୍ୱାସ ସାର୍ଟିଫିକେଟ୍ ଲାଗି କ୍ୟାପିଟାଲ ହସ୍ପିଟାଲକୁ ୭୦ ଲକ୍ଷ ଟଙ୍କାର ପୁରସ୍କାର ମିଳିଛି। ପ୍ରତି ବେଡ୍ ପିଛା ୧୦ହଜାର ଲେଖାଏଁ ଅର୍ଥ ରାଶି ମିଳିବ। ଏହାର ୮୦ ପ୍ରତିଶତ ଅର୍ଥ ଆରକେଏସ୍ ଯୋଜନାରେ ଖର୍ଚ୍ଚ କରାଯିବ। ଆଉ ୨୦ ପ୍ରତିଶତ ଅନ୍ୟ କ୍ଷେତ୍ରରେ ଖର୍ଚ୍ଚ କରାଯିବ। ଏହି ଅର୍ଥରେ ଭିତ୍ତିଭୂମି ଉନ୍ନତି କରାଯିବା ସହ ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ଉତ୍ସାହିତ କରିବା ଲାଗି ପୁରସ୍କାର ଦିଆଯିବ। ହସ୍ପିଟାଲ ଏନ୍‌କ୍ୱାସ ସାର୍ଟିଫିକେଟ୍ ବ୍ୟତୀତ ‘ଲକ୍ଷ୍ୟ’ ଓ ‘କାୟାକଳ୍ପ’ ପୁରସ୍କାର ମଧ୍ୟ ହାସଲ କରିଛି। ତେବେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁଙ୍କ କହିବା ଅନୁସାରେ ହସ୍ପିଟାଲର ଏହିଭଳି ପ୍ରଦର୍ଶନର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ସମସ୍ତ କର୍ମଚାରୀଙ୍କର। ଏହା ଆଗାମୀ ଦିନରେ କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ଆହୁରି ଉତ୍ସାହ ଯୋଗାଇ ଦେବ। ବିଶେଷକରି ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଡାକ୍ତର, ନର୍ସ ଓ କର୍ମଚାରୀମାନେ ଭବିଷ୍ୟତରେ ରୋଗୀଙ୍କୁ ସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛନ୍ତି।





ଫଗୁଣରେ ଗ୍ରୀଷ୍ମର ଦାଉ...



**ସାଇବର ଠକେଇ, ଅପରାଧରେ ହେଉଛି ବ୍ୟବହାର**

**ଗିରଫ ଭୟରେ ବିକ୍ରି କରି ଦେଉଛନ୍ତି ଅପରାଧୀ**

**ପୁଲିସ ପକ୍ଷରୁ ଲୋକଙ୍କୁ କରାଯାଉଛି ସଚେତନ**

# ସେକେଣ୍ଡ ହ୍ୟାଣ୍ଡ ମୋବାଇଲ୍ କିଣିଲେ ଫସିବେ

ଭୁବନେଶ୍ୱର, ୧୭ ।୩(ସମିସ):

ସେକେଣ୍ଡ ହ୍ୟାଣ୍ଡ ମୋବାଇଲ୍ କିଣୁଥିଲେ ହୁଅନ୍ତୁ ସାବଧାନ। କାରଣ ଏହି ମୋବାଇଲ୍‌କୁ ପୂର୍ବରୁ ଅପରାଧୀ ଏବଂ ସାଇବର ଠକ ବ୍ୟବହାର କରିଥାଇ ପାରନ୍ତି। ଯେଉଁଥି ପାଇଁ ସାଧାରଣ ଲୋକ ଶସ୍ତାରେ ପାଇ କିଣିଲେ ଆଇନ୍ ଜାଲରେ ଫସିବାର ସମ୍ଭାବନା ରହୁଛି। ତେଣୁ ସେକେଣ୍ଡେ ହ୍ୟାଣ୍ଡ ମୋବାଇଲ୍ କିଣିବା ସମୟରେ ସଚେତନ ହେବାକୁ ପୁଲିସ ଲୋକଙ୍କୁ କହିଛି।

### ମୋବାଇଲ୍ ବିକ୍ରି କରୁଛନ୍ତି ଅପରାଧୀ

ରାଜଧାନୀରେ ପୂର୍ବରୁ ଦେଖିବାକୁ ମିଳିଛି ଯେ, ଅପରାଧୀମାନେ ପ୍ରଥମେ ବ୍ୟବହାର କରୁଥିବା ମୋବାଇଲ୍ ମାଧ୍ୟମରେ କ୍ରାଇମ୍ କରୁଛନ୍ତି। ଅପରାଧ ଘଟାଇବା ପରେ ସେମାନେ ଉକ୍ତ ମୋବାଇଲ୍ ଫୋନ୍‌କୁ ଶସ୍ତାରେ ଅନ୍ୟ ଲୋକଙ୍କୁ ବିକ୍ରି କରି ଦେଉଛନ୍ତି। ଏହି ମୋବାଇଲ୍‌କୁ ସାଧାରଣ ଲୋକ କିଣି ଫସିଯାଉଛନ୍ତି। କାରଣ ପୁଲିସ ଆଇଏମ୍‌ଇଆଇ ଟ୍ରାକ୍ କରି ଏହି ମୋବାଇଲ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚୁଛି। ଏହାପରେ ଉକ୍ତ ବ୍ୟକ୍ତିଙ୍କ ଠାରୁ ମୋବାଇଲ୍ ଜବତ କରିବା ସହ ଗିରଫ ମଧ୍ୟ କରୁଛି। ଯଦି ଉକ୍ତ ମୋବାଇଲ୍ ଚୋରି ହୋଇଥିବ ତେବେ ପୁଲିସ ତାର ବିବେକ ଅନୁସାରେ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିପାରେ ନ ହେଲେ ଦୟା ଦେଖାଇ ଛାଡ଼ି ଦେଇପାରେ।

### ସାଇବର ଠକେଇ

ସାଇବର ଠକ ଏବେ ଠକେଇ ପାଇଁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ୍ ଫୋନ୍‌ର ସାହାର ନେଉଛନ୍ତି। ସେମାନେ କମ୍ ଦାମ୍‌ରେ ମୋବାଇଲ୍ କିଣି ସେଥିରେ ଭିନ୍ନ ଏକ ଆପ୍ ଇନ୍‌ଷ୍ଟଲ କରି ଦେଉଛନ୍ତି। ଏହି ମୋବାଇଲ୍‌କୁ ପରେ ଅନ୍ୟ ଜଣେ ବ୍ୟକ୍ତି ଶସ୍ତାରେ ପାଇ କିଣି ନେଉଛନ୍ତି। ଏଥିରେ ସେ ଫୋନ୍ ପେ’ ଠାରୁ ଆରମ୍ଭ କରି ଗୁଗଲ ପେ’ ଇନ୍‌ଷ୍ଟଲ କରୁଛନ୍ତି। କିନ୍ତୁ ଅପରାଧୀ ଉକ୍ତ ମୋବାଇଲ୍‌ରେ ପୂର୍ବରୁ ଇନ୍‌ଷ୍ଟଲ କରିଥିବା ଆପ୍ ମାଧ୍ୟମରେ ସେ ଗୁଗଲ୍ ଏବଂ ଫୋନ୍ ପେ’ର ସମସ୍ତ ପାସ୍‌ୱାର୍ଡ ଜାଣି ଆକାଉଣ୍ଟ ଖାଲି କରି ନେଇ ଯାଉଛନ୍ତି। ତେଣୁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ୍ କିଣିବା ସମୟରେ ଏହାର ରସିଦ୍ ମାଗିବା ଆବଶ୍ୟକ।

### ୪୦ ପ୍ରତିଶତ ବସ୍ତି ଲୋକ କିଣୁଛନ୍ତି

ଅପରାଧରେ ବ୍ୟବହାର ହେଉଥିବା ଏବଂ ଚୋରା ମୋବାଇଲ୍ ଫୋନ୍‌କୁ ରାଜଧାନୀର ଥିବା ଏକାଧିକ ବସ୍ତିର କିଛି ଲୋକ ବ୍ୟବହାର କରୁଛନ୍ତି। ପୂର୍ବରୁ ମଧ୍ୟ ଅପରାଧରେ ବ୍ୟବହାର ହୋଇଥିବା ମୋବାଇଲ୍ ଫୋନ୍‌କୁ ୪୦ ପ୍ରତିଶତ ବସ୍ତି ଲୋକ କିଣି ବନ୍ଧା ହୋଇଛନ୍ତି। ତଥାପି ଏହି ଲୋକମାନେ ସୁଧୁରୁନାହାନ୍ତି। ଏହାର କାରଣ ହେଲେ ଅପରାଧୀମାନେ ଉକ୍ତ ମୋବାଇଲ୍ ମାଧ୍ୟମରେ ଅପରାଧ ଘଟାଇବା ପରେ ବସ୍ତି ଲୋକ ଦେଖି ଶସ୍ତାରେ ବିକ୍ରି କରି ଦେଉଛନ୍ତି। ବସ୍ତି ଲୋକ ଶସ୍ତାରେ ମୋବାଇଲ୍ କିଣି ବ୍ୟବହାର କରୁଛନ୍ତି। ଜ୍ଞାନ ଅଭାବରୁ ମଧ୍ୟ ସେମାନେ ଏହାର ରସିଦ୍ ମଧ୍ୟ ମାଗୁନାହାନ୍ତି।

# ଶୀତଳଭଣ୍ଡାରରେ ରମାଦେବୀ ଦ୍ୱିତୀୟ କ୍ୟାମ୍ପସ୍

ଭୁବନେଶ୍ୱର, ୧୭ ।୩(ସମିସ):

ରାଜ୍ୟର ପ୍ରଥମ ଓ ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଛି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ। ୨୦୧୫ ମସିହାରେ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ହେବା ପରେ କ୍ରମାଗତ ଭାବେ ଭିତ୍ତିଭୂମି ସୁଦୃଢ଼ ହେଉଛି। ପ୍ରାୟ ୨୩.୪ ଏକର ଜମିରେ ଗଢ଼ିଉଠିଥିବା ଏହି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ ବିଦ୍ୟାର୍ଥୀଙ୍କୁ ଆକର୍ଷିତ କରୁଛି। ଲାଇବ୍ରେରୀ, ଛାତ୍ରୀନିବାସ, ପ୍ରେକ୍ଷାଳୟ ସହ ଆନୁସଙ୍ଗିକ ଭିତ୍ତିଭୂମି ପାଇଁ ନୂତନ କୋଠା ନିର୍ମାଣ କରାଯାଇଛି। ଶୈକ୍ଷିକ ପରିବେଶରେ ଉନ୍ନତି ସାଙ୍ଗକୁ ଅତ୍ୟାଧୁନିକ ଶିକ୍ଷା ଓ ଶିକ୍ଷାପଯୋଗୀ ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି। ତଦନୁଯାୟୀ ଉପଲବ୍ଧ ଥିବା ଜମି ନିଅଣ୍ଟ ହେଉଛି। ତେଣୁ ଦ୍ୱିତୀୟ କ୍ୟାମ୍ପସ୍ ଖୋଲିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସମୟରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ଭିନ୍ନ ଭିନ୍ନ ପ୍ରସ୍ତାବ ବିଚାର କରାଯାଇଥିଲେ ମଧ୍ୟ ଏଯାଏଁ ଚୁଡ଼ାନ୍ତ ରୂପରେଖ ପାଇ ପାରି ନାହିଁ। ଏପରିକି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ କରିବା ପାଇଁ ନିକଟ ଅତୀତରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାବି କରାଯାଉନଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ହେବା ପରେ ରୁସା ଅନୁଦାନରୁ ପ୍ରଶାସନ ଭବନ, ନୂତନ ଏକାଡେମିକ୍ ଭବନ ଓ ପ୍ରେକ୍ଷାଳୟ ନିର୍ମାଣ କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ୬ କୋଟି ଟଙ୍କା ଅନୁଦାନରେ ସାଇନ୍ସ ବିଲ୍‌ଡିଂ ନିର୍ମାଣ ହୋଇଛି। ଏହାସହିତ ଲାଇବ୍ରେରୀ, ସମୁଦାୟ ୬ଟି ଛାତ୍ରୀନିବାସ ଓ ଆନୁସଙ୍ଗିକ ନିର୍ମାଣ କାର୍ଯ୍ୟ କରାଯାଇଛି। ଉପଲବ୍ଧ ଥିବା ଜମିରେ ଆବଶ୍ୟକ ହେଉଥିବା ଭିତ୍ତିଭୂମି ସମ୍ପ୍ରସାରଣ କରିବା ପାଇଁ ଜାଗା ନିଅଣ୍ଟିଆ ହେଉଥିବାରୁ ଦ୍ୱିତୀୟ କ୍ୟାମ୍ପସ୍ କରାଯିବାକୁ ଦାବି ହେଉଛି। ଏହି ଦାବିକୁ ସରକାର ପ୍ରାଥମିକତା ଦେଇ ୨୦୧୭ ମସିହାରେ ଗୋଠପାଟଣା ମୌଜାରେ ୭୬ ଏକର ପରିମିତ ଜମିରେ ନୂତନ କ୍ୟାମ୍ପସ୍ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହାକୁ ଚୂଡ଼ାନ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଓ ଏକ ପ୍ରତିନିଧିମଣ୍ଡଳୀ ପ୍ରସ୍ତାବିତ ଜାଗା ପରିଦର୍ଶନ କରିବା ସହ ବିଭାଗକୁ ରିପୋର୍ଟ ଦେଇଥିଲେ। ଗୋଠପାଟଣାକୁ ପର୍ଯ୍ୟାପ୍ତ ଯାତାୟତ ସୁବିଧା ନଥିବା, ପ୍ରଥମ କ୍ୟାମ୍ପସ୍ ଠାରୁ ଦୂରତା ଏବଂ ନିଛାଟିଆ ରାସ୍ତା ହୋଇଥିବାରୁ ଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରୁ ରଖି ଉକ୍ତ ସ୍ଥାନରେ ନୂତନ କ୍ୟାମ୍ପସ୍ ନ କରିବାକୁ ରିପୋର୍ଟ ପ୍ରଦାନ କରିଥିଲେ। ଫଳରେ ଗୋଠପାଟଣାରେ ଦ୍ୱିତୀୟ କ୍ୟାମ୍ପସ୍ ନିର୍ମାଣ ଦାବିରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଡିଡିସିଏ ପାର୍ଶ୍ୱରେ ଥିବା କେନାଲ ନିକଟରେ ଦ୍ୱିତୀୟ କ୍ୟାମ୍ପସ୍ କରିବାକୁ ପ୍ରସ୍ତାବ ଦିଆଯାଇଥିଲା।

**୫ ପ୍ରସ୍ତାବରୁ ୩ଟିରେ ପୂର୍ଣ୍ଣଚ୍ଛେଦ**

**ଜି+୨୫ ନିର୍ମାଣ ନେଇ ଆସୁନି ସ୍ୱଷ୍ଟତା**

ହେଲେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ରମାଦେବୀ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍ ନିର୍ମାଣ କରିବାକୁ ଛାତ୍ରଛାତ୍ରୀ ବିରୋଧ କରିଥିଲେ। ବିଭିନ୍ନ ସ୍ତରରେ ବ୍ୟାପକ ବିରୋଧ ଯୋଗୁଁ ଏହା ମଧ୍ୟ ସମ୍ଭବପର ହୋଇପାରି ନ ଥିଲା ଓ ଏହି ଦାବିରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଅନୁରୂପ ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ପଛ ପାର୍ଶ୍ୱରେ ଥିବା ସରକାରୀ କ୍ୱାର୍ଟର୍ସ ଭାଙ୍ଗି ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ଏକାଧିକ ପକ୍ଷ ସହମତ ହୋଇଥିଲେ ମଧ୍ୟ ବିଭିନ୍ନ ବିଭାଗ ଅଧୀନରେ କ୍ୱାର୍ଟର୍ସଗୁଡ଼ିକ ଥିବାରୁ ସମ୍ଭବପର ହୋଇପାରି ନଥିଲା। ଯଦିଓ ଏହି ଦାବି ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ, ହେଲେ ଏହା ଶୀତଳଭଣ୍ଡାରରେ ରହିଯାଇଛି। ସେହିପରି ସୈନିକ ସ୍କୁଲ ଓ ସରକାରୀ ପ୍ରେସ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଅବ୍ୟବହୃତ ଜମିରେ ନୂତନ କ୍ୟାମ୍ପସ୍ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜମି ହସ୍ତନ୍ତର ନେଇ କୌଣସି ତତ୍ପରତା ପ୍ରକାଶ ନ ପାଇବାରୁ ଏହି ପ୍ରସ୍ତାବରେ ମଧ୍ୟ ବିରାମ ଲାଗିଛି।

ଏହି ସମସ୍ତ ପ୍ରସ୍ତାବ ଚୁଡ଼ାନ୍ତ ରୂପ ନେଇପାରି ନ ଥିବାରୁ ବିଶ୍ୱବିଦ୍ୟାଳୟକୁ ଊର୍ଦ୍ଧ୍ୱଗାମୀ ସମ୍ପ୍ରସାରଣ କରିବାକୁ ଯୋଜନା ହୋଇଥିଲା। ଏପରିକି ପ୍ରେକ୍ଷାଳୟ ପାର୍ଶ୍ୱରେ ଥିବା ଖାଲି ସ୍ଥାନରେ ଜି+୨୫ ବିଲ୍‌ଡିଂ ନିର୍ମାଣ କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ସୂଚନା ଅନୁଯାୟୀ, ଏହି ପ୍ରସ୍ତାବକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ତତ୍କାଳୀନ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଏହାର ସମୀକ୍ଷା କରିଥିଲେ। ଏପରିକି ରାଜ୍ୟ ପୁଲିସ ଗୃହ ନିର୍ମାଣ ଓ କଲ୍ୟାଣ ବୋର୍ଡର ଇଞ୍ଜିନିୟର ମଧ୍ୟ ଭିତ୍ତିଭୂମି ଯାଞ୍ଚ କରିଥିଲେ। ନାମ ଗୋପନ ରଖିବା ସର୍ତ୍ତରେ ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ କହିଛନ୍ତି, ତତ୍କାଳୀନ ସଚିବ ଶ୍ରୀ ମିଶ୍ର ବିଶ୍ୱବିଦ୍ୟାଳୟକୁ କଂକ୍ରିଟ୍ ଜଙ୍ଗଲ ନ କରିବାକୁ କହିଥିଲେ। ସେହିପରି ରାଜ୍ୟ ପୁଲିସ ଗୃହ ନିର୍ମାଣ ଓ କଲ୍ୟାଣ ବୋର୍ଡ ପକ୍ଷରୁ ମଧ୍ୟ ନିଆଁଲିଭା ଗାଡ଼ି ବୁଲିବାକୁ ପର୍ଯ୍ୟାପ୍ତ ଜାଗା ନଥିବା ଦର୍ଶାଇଛି। ଅଗ୍ନି ନିର୍ବାପକ ବ୍ୟବସ୍ଥା ବିନା ଜି+୨୫ ବିଲ୍‌ଡିଂ ନିର୍ମାଣ ଅସମ୍ଭବ କହିଥିବାରୁ ଏହାକୁ ସବୁଜ ସଙ୍କେତ ମିଳିନଥିବା ଏକ ପ୍ରକାର ସ୍ୱଷ୍ଟ ବୋଲି ସେ କହିଛନ୍ତି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଛନ୍ତି, ଜି+ ୨୫ ବିଲ୍‌ଡିଂ ନିର୍ମାଣ କରିବାକୁ ପ୍ରକ୍ରିୟା ଜାରି ରହିଛି। ଏନେଇ ବିଭାଗ ପକ୍ଷରୁ ସକରାତ୍ମକ ଆଭିମୁଖ୍ୟ ପୋଷଣ କରାଯାଇଥିବା କହିବା ସହ ଖୁବ୍‌ଶୀଘ୍ର ଜି+୨୫ ବିଲ୍‌ଡିଂ ନିର୍ମାଣକୁ ଅନୁମୋଦନ ମିଳିବା ନେଇ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ଦ୍ୱିତୀୟ କ୍ୟାମ୍ପସ୍ ନିର୍ମାଣ କରିବା ଆବଶ୍ୟକ ବୋଲି ମଧ୍ୟ ପ୍ରଫେସର ଚୌଧୁରୀ ପ୍ରକାଶ କରିଛନ୍ତି। ଏହାରି ମଧ୍ୟରେ ନୂତନ କ୍ୟାମ୍ପସ୍ ନିର୍ମାଣ ଦାବି କରିବା ଦେଖାଯାଉନାହିଁ। ଊର୍ଦ୍ଧ୍ୱଗାମୀ ସମ୍ପ୍ରସାରଣ କରାଗଲେ ମଧ୍ୟ ଦ୍ୱିତୀୟ କ୍ୟାମ୍ପସ୍ ଗୁରୁତ୍ୱପୂର୍ଣ୍ଣ। ଏପରି କହୁଥିଲେ ମଧ୍ୟ ନୂତନ ପ୍ରସ୍ତାବ ଦିଆଯାଉ ନ ଥିବାରୁ ଦ୍ୱିତୀୟ କ୍ୟାମ୍ପସ୍ ଏବେ ଶୀତଳଭଣ୍ଡାରରେ ରହିଯାଇଛି।

## ପ୍ରତାପ ଶାସନ ବାଳକ ହାଇସ୍କୁଲ ୧୯୭୭ ବ୍ୟାଚର ବନ୍ଧୁମିଳନ



ବାଲିଅନ୍ତା, ୧୭ ।୩(ସମିସ): ବାଲକାଟିସ୍ଥିତ ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଗଡ଼ କଣ୍ଟୁଣିଆ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାସୁଦେବ ସାହୁ ଅଧ୍ୟକ୍ଷତା କରିଥିଲେ। ସନ୍ତୋଷ କୁମାର ଦାସ, ବୈଷ୍ଣବ ମହାରଣା, ଅଲେଖ ସାହୁ, ଉମେଶ କୁମାର ମହାନ୍ତି, ବାବାଜି ସାହୁ, ରବୀନ୍ଦ୍ର ଖୁଣ୍ଟିଆ ପ୍ରମୁଖ ୫୦ରୁ ଅଧିକ ଛାତ୍ର ଯୋଗଦେଇ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିଥିଲେ।

## ଟାଙ୍ଗିବନ୍ତ ପ୍ରିମିୟର୍ ଲିଗ୍ ଉଦ୍‌ଘାଟିତ



ନନ୍ଦନକାନନ, ୧୭।୩(ସମିସ): ଉତ୍ତର ଭୁବନେଶ୍ୱର ଟାଙ୍ଗିବନ୍ତ ଗ୍ରାମର ଯୁବ ଖେଳାଳିଙ୍କୁ ନେଇ ଦ୍ୱାଦଶ ଟାଙ୍ଗିବନ୍ତ ପ୍ରିମିୟର ଲିଗ୍ (ଟିପିଏଲ୍) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ସ୍ୱାଇଁ, ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ଜେନା, ସମିତି ସଭ୍ୟା ପ୍ରତିନିଧି ଶ୍ରୀଧର ବରାଳ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଦୁଇଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଟିମ୍ ସାଇକ୍ଲୋନ ଓ ଦ୍ୱିତୀୟ ମ୍ୟାଚ୍‌ରେ ବାଉଣ୍ଡରୀ ବ୍ରେକର୍ସ ଜିତି ଆଗୁଆ ରହିଛନ୍ତି।

# ରକ୍ତଦାନ କରି ପାଳିଲେ ଜନ୍ମଦିନ

ଭୁବନେଶ୍ୱର, ୧୭।୩ (ସମିସ): ରକ୍ତ ଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ନିଜର ଜନ୍ମ ଦିନ ପାଳନ କରିଛନ୍ତି ଭୁବନେଶ୍ୱରର ପ୍ରଭାସିନୀ ଷଡ଼ଙ୍ଗୀ। ଭୁବନେଶ୍ୱର ରକ୍ତ ଭଣ୍ଡାର ପରିସରରେ ନିଆରା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୪୬ ନମ୍ବର ୱାର୍ଡର କର୍ପୋରେଟର୍ ପୁଷ୍ପା ରାଉତ, ଯଶୋଦା ମା’ ଫାଉଣ୍ଡେସନର ପ୍ରତିଷ୍ଠାତା ନିବେଦିତା ଲେଙ୍କା ପ୍ରମୁଖ ଯୋଗଦେଇ ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହ ପ୍ରଭାସିନୀ ଷଡ଼ଙ୍ଗୀଙ୍କୁ ଶୁଭେଚ୍ଛା ଜଣାଇ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ରକ୍ତ ଦାତା ମାନଙ୍କୁ ଏଭଳି କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଥିଲେ ବିଧାୟକ। ଏଥିରେ ବିଭିନ୍ନ ସଂଗଠନ ପକ୍ଷରୁ




ରକ୍ତ ଦାନ କରିବା ପାଇଁ ପହଞ୍ଚି ଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶା ଡ୍ରାଇଭର ମହାସଂଘ ମହାପରିବାର, ଟ୍ରାଫିକ୍ ଜାମ ଟ୍ରଷ୍ଟ ଓଡ଼ିଶା, ଜୟହିନ୍ଦ୍ ଫାଉଣ୍ଡେସନ୍, ନବଜୋତି କଲେଜ, ଏଥିରେ ପ୍ରାୟ ୨୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବାବେଳେ ମିଶନ ରକ୍ତଦାନର ମୁଖ୍ୟ ହରପ୍ରସାଦ ମହାପାତ୍ରଙ୍କ ସମେତ ଗୁନୁ ଆଚାର୍ଯ୍ୟ, ଚନ୍ଦ୍ର କାନ୍ତ, ପ୍ରବକ୍ତା ଦାସ, ନାରାୟଣ ବେହେରା, ବିଭୂତି ଭୂଷଣ ସାହୁ, ଡାଇରେକ୍ଟର ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ସହଯୋଗରେ କରାଯାଇଥିଲା

## କ୍ରିକେଟ୍ ଖେଳିବାକୁ ଯାଇ ଫେରିଲାନି ପୁଅ

ଭୁବନେଶ୍ୱର, ୧୭ ।୩(ସମିସ): କ୍ରିକେଟ୍ ଖେଳିବାକୁ ଯାଇ ପୁଅ ଫେରିନି। ତାଙ୍କୁ କେହି ଅପହରଣ କରି ନେଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି ଦିବ୍ୟାଙ୍ଗ ବାପା।

ଅଭିଯୋଗ ଅନୁସାରେ, ପରିବାର ସହ ପୁଅ ମନୋଜ ଡେଲ୍‌ଟା ସ୍କୋୟାର ପ୍ରକୃତି ବିହାରରେ ଘର ଭଡ଼ା ନେଇ ରହୁଥିଲେ। ଗତ କିଛି ଦିନ ହେବ ନିକଟସ୍ଥ ଏକ କ୍ରିକେଟ୍ କ୍ଲବ୍‌ରେ କ୍ରିକେଟ୍ ଖେଳିବାକୁ ଯାଇ ଆଉ ପୁଅ ଫେରି ନାହାନ୍ତି। ତେଣୁ ବାପା ଥାନାକୁ ଆସି ଅଭିଯୋଗ କରି ପୁଅର ବାଟକୁ ଚାହିଁ ରହିଛନ୍ତି। ପୁଅ ମନୋଜ ଫେରି ଆସିବ ବୋଲି ତାଙ୍କ ବାପା ଆଶା କରିଛନ୍ତି।

# ବିଜେବି କଲେଜ ନୂତନ ପ୍ରେକ୍ଷାଳୟର ଶିଳାନ୍ୟାସ

ଭୁବନେଶ୍ୱର, ୧୭।୩(ସମିସ): ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ନୂତନ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଶନିବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରେକ୍ଷାଳୟ ନିର୍ମାଣ ପାଇଁ ରାଜ୍ୟ ସରକାର ୮.୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରେକ୍ଷାଳୟ ନିର୍ମାଣ ପାଇଁ କଲେଜ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଙ୍କ ନିକଟରୁ ପ୍ରସ୍ତାବ ପାଇ ମନ୍ତ୍ରୀ ଶ୍ରୀ ପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାହାକୁ ବିଚାର କରି ପ୍ରେକ୍ଷାଳୟ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ହାରୁନ୍ ରସିଦ ଖାନ୍, ବିଜେବି ଫ୍ରେଣ୍ଡସ ସଭାପତି ଦେବାଶିଷ ପଟ୍ଟନାୟକ, କଲେଜ ଅଧ୍ୟକ୍ଷା ଡ. ଇତିଶ୍ରୀ ପାଢ଼ୀ, ଡ. ସନ୍ତୋଷ ବେଜ୍, ପ୍ରାକ୍ତନ ଉପକୁଳପତି ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ, ସମରେଶ ବେଉରା, ସମସ୍ତ ଅଧ୍ୟାପକ ଅଧ୍ୟାପିକା, ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।





ଅଭିଯୋଗ ସତ୍ତ୍ୱେ ବଦଳାଯାଉନି ଗଙ୍ଗୁଆର ଗତିପଥ

# ପ୍ରଦୂଷିତ ହେଉଛି ଲୁଣା ଓ ଦୟାର ଜଳ

ଡେଲାଙ୍ଗ, ୧୭।୩(ସମିସ)



ଦୟା ଓ ଲୁଣା ନଦୀକୁ ଡେଲାଙ୍ଗ ବ୍ଲକର ଜୀବନଧାରା ବୋଲି କୁହାଯାଏ। ଏହି ଜଳ ଏବେ ପ୍ରଦୂଷିତ ହେବାରେ ଲାଗିଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ପାନୀୟ ଜଳ ରୂପେ ଏହି ନଦୀ ପାଣିକୁ ବ୍ୟବହାର କରିବା ଦ୍ୱାରା ରୋଗାକ୍ରାନ୍ତ ହେବା ସହିତ କ୍ଷେତ ଗୁଡିକରେ ମଧ୍ୟ ଏହି ବିଷାକ୍ତ ପାଣି ଫସଲ ନଷ୍ଟ କରୁଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ସୂଚନାଥାଉକି ଭୁବନେଶ୍ୱର ସହରରୁ ବାହାରୁଥିବା ନର୍ଦ୍ଦମା ପ୍ରଦୂଷିତ ଜଳ ଗଙ୍ଗୁଆ ନାଳ ଦେଇ କଣ୍ଟିକାଜ ନିକଟରେ ଦୟା ନଦୀରେ ପ୍ରବେଶ କରୁଛି। ଏହାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଅଧିବାସୀମାନେ ବାରମ୍ବାର ଦାବି କରିବା ସତ୍ତ୍ୱେ ଏହାର ଗତିପଥ ବଦଳା ଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ କୃଷକ ନେତା ଅଶୋକ ପ୍ରଧାନ, କିଷାନ ପଟ୍ଟନାୟକ, ରାମଚନ୍ଦ୍ର ମହାରଣା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେଲାଙ୍ଗ ତହସିଲଦାର ସନ୍ତୋଷିନୀ ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଙ୍ଗୁଆନାଳର ପ୍ରଦୂଷିତ ଜଳ ପିପିଲିର କଣ୍ଟି ଠାରେ ଦୟାରେ ମିଶିବା ଯୋଗୁ ଦୟାନଦୀ ଓ ଏହାର ଶାଖାନଦୀ ମକରା, ଲୁଣା, ରାଜୁଆ ନଦୀ ଜଳ ବିଷାକ୍ତ ହେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଯାହା ପାଇଁ ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ଲକ୍ଷାଧିକ ଲୋକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ନଦୀ ଗୁଡିକରେ ଜଳଜୀବ ହ୍ରାସ ପାଇବା ସହ ଏହି ବିଷାକ୍ତ ଜଳ ଚିଲିକାରେ ମିଶିବା ଯୋଗୁ ମାଛ, କଙ୍କଡା, କୋଚିଆ ଆଦି ଜଳଜୀବ ବଂଶବିସ୍ତାର କରିବା ପରିବର୍ତ୍ତେ ମରି ଯାଉଛନ୍ତି। ଧଉଳି ଠାରୁ ଚିଲିକା ପର୍ଯ୍ୟନ୍ତ ଲୋକେ ଏହି ପାଣିକୁ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜୈବବିବିଧତା ନଷ୍ଟ ହେବା ସହ ମତ୍ସ୍ୟଜୀବୀମାନେ ଜୀବିକା ହରାଉଛନ୍ତି। ଲକ୍ଷାଧିକ ନଈ କୂଳିଆ ଲୋକେ ଏହି ପାଣିକୁ ପିଇବା ଓ ରୋଷେଇ କରିବାରେ ବ୍ୟବହାର କରିବା ହେତୁ ଲୋକେ ଜଣ୍ଡିସ୍ ଓ ଚର୍ମରୋଗରେ ଆକ୍ରାନ୍ତ ହେବାର ଅନେକ ନଜିର ରହିଛି। ଅନ୍ୟପଟେ ଏହି ପ୍ରଦୂ୍ୟଷଣ ଜଳକୁ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର କେତେକ ବ୍ଲକକୁ ପାଇପ୍ ଯୋଗେ ମେଗା ପାଇପ୍ ୱାଟର ଯୋଗଣ ମାଧ୍ୟମରେ ଯୋଗାଇବାକୁ ଚକ୍ରାନ୍ତ ଚାଲିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏନେଇ ବାରମ୍ବାର ଜନ ଅଭିଯୋଗ ଶୁଣାଣିରେ ପୁରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହି ଜଳକୁ ଦୟାନଦୀରେ ଛଡାଯାଉଛି। ସେହିପରି ନଦୀ କୂଳଗୁଡିକରେ ଅନେକ ଚାଷି ଧାନ, ପରିବା, ବାଦାମ ପ୍ରଭୃତି ଚାଷ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ପାଣି ପ୍ରଦୂଷଣ ହେବା ଦ୍ୱାରା ଚାଷିମାନେ ଚାଷ କରିବାରୁ ବଞ୍ଚିତ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପୂର୍ବକ ଗଙ୍ଗୁଆ ନାଳର ଗତିପଥ ବଦଳାଇବା ପାଇଁ କୃଷକ ନେତା ଶ୍ରୀ ପ୍ରଧାନ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ହୋଟେଲ ପ୍ରମୋଦ ଓ ରାଡିସନ୍ ଗ୍ରୁପ୍ ମଧ୍ୟରେ ବୁଝାମଣାପତ୍ର

କଟକ, ୧୭ ।୩ (ସମିସ): ଦେଶର ହୋଟେଲ ଶିଳ୍ପ କ୍ଷେତ୍ରରେ ଜଣାଶୁଣା ରାଡିସନ୍ ହୋଟେଲ ଗ୍ରୁପ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟଳସ୍ଥଳୀ ଗୋପାଳପୁର ଠାରେ 'ରାଡିସନ୍ ଇଣ୍ଡିଭିଜୁଆଲ' ନାମରେ ଏକ ଅତ୍ୟାଧୁନିକ ହୋଟେଲ ଖୋଲିବାକୁ ଯାଉଛି।

### ପର୍ଯ୍ୟଟକଙ୍କୁ ଗୁଣାତ୍ମକ ଆତିଥେୟତା ଦେବ ୧୦୦ କୋଠରି ବିଶିଷ୍ଟ ହୋଟେଲ

ଓଡ଼ିଶାରେ ଗ୍ରୁପର ଏହା ପ୍ରଥମ ହୋଟେଲ ଭାବରେ ବିବେଚିତ ହେବ। ଏଥିପାଇଁ 'ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ' ଓ ରାଡିସନ୍ ହୋଟେଲ ଗ୍ରୁପ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ରାଡିସନ୍ ବ୍ରାଣ୍ଡ ଅଧିନରେ ପରିଚାଳିତ ୧୦୦ କୋଠରୀ ବିଶିଷ୍ଟ ଏହି ଅତ୍ୟାଧୁନିକ ହୋଟେଲ ଉଭୟ ଦେଶ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ଆତିଥେୟତା, ସ୍ୱାଚ୍ଛନ୍ଦ ଓ ଶାନ୍ତିପୁର୍ଣ୍ଣ ରହଣୀର ସୁବିଧା ପ୍ରଦାନକୁ ସର୍ବାଧିକ ଗୁରୁତ୍ୱ ଦେବବୋଲି କୁହାଯାଇଛି। 'ପଦ୍ମା ଇଷ୍ଟର୍ଣ୍ଣ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍' ଏହି ନୂତନ ହୋଟେଲର ବିକଶିତ କାର୍ଯ୍ୟଭାର ଗ୍ରହଣ କରିଥିବାବେଳେ ୨୦୨୪ ଦ୍ୱିତୀୟାର୍ଦ୍ଧରେ ଏହା ଲୋକାର୍ପିତ ହେବବୋଲି ଲକ୍ଷ୍ୟ ରହିଛି। ଦକ୍ଷିଣ ଓଡ଼ିଶାର ମନୋରମ ବେଳାଭୂମି ଭାବରେ ପରିଚିତ ଗୋପାଳପୁରରେ ରାଡିସନ୍ ଗ୍ରୁପ୍ ଖୋଲିବାକୁ ଯାଉଥିବା ଏହି ହୋଟେଲରେ ସୁଇଟ୍ସ ଓ ଭିଲ୍ଲା, ଏବଂ ପ୍ରାଇଭେଟ୍ ପୁଲ୍, ସ୍ୱତନ୍ତ୍ର ଡାଇନିଂ, ବାର ସହିତ ରେସ୍ତୋରାଁ, ବୈଠକ ଓ କାର୍ଯ୍ୟକ୍ରମ ଆୟୋଜନ ଲାଗି ବାଙ୍କ୍ୱେଟ୍ ହଲ ମଧ୍ୟ ରହିଛି। ଦେଶର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡିକରେ ସମ୍ପ୍ରସାରଣ ଲାଗି ଆମର ରହିଥିବା ଯୋଜନା ଅନୁସାରେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ସହ ବୁଝାମଣା ହୋଇଥିବା ରାଡିସନ୍ ହୋଟେଲ ଗ୍ରୁପ୍ ର ବରିଷ୍ଠ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ ପ୍ରକାଶ କରିଛନ୍ତି। ଅପରପକ୍ଷରେ ରାଡିସନ୍ ଗ୍ରୁପ ସହିତ ଏହି ବୁଝାମଣା ବିଶ୍ୱସ୍ତରୀୟ ହୋଟେଲ ବିକାଶ ଓ ପରିଚାଳନା କରିବାରେ ଆମର ଦକ୍ଷତାକୁ ପ୍ରମାଣିତ କରିବା ସହିତ ଓଡ଼ିଶାରେ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପରେ ନୂତନ ଅଧ୍ୟାୟର ସୃଷ୍ଟି କରିବବୋଲି 'ପଦ୍ମା ଇଷ୍ଟର୍ଣ୍ଣ ହୋଟେଲ ଗ୍ରୁପ'ର ପରିଚଳାନା ନିର୍ଦ୍ଦେଶକ ଙ୍ଗ ଦୁର୍ଗାପ୍ରସାଦ ରଥ ଅଶା ବ୍ୟକ୍ତ କରିଛନ୍ତି।

## ବେଆଇନ ଟିକଟ ବିକ୍ରିକରି ଜଣେ ଗିରଫ

କଟକ, ୧୭ ।୩(ସମିସ): ଖାନନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ୍(ସିଏନ୍‌ବିଟି) ଭିତରେ ବେଆଇନ ଭାବେ ବସ୍ ଟିକେଟ୍ ବିକ୍ରି କରିବା ଅଭିଯୋଗରେ ବାଦାମବାଡ଼ି ଥାନା ପୁଲିସ ଜଣକୁ ଅଟକ ରଖିଛି। ଅଭିଯୁକ୍ତଜଣକ ହେଲା ଶଙ୍କରପୁର ଅଞ୍ଚଳର ଶେଖର ବିଶ୍ୱାଳ ଓରଫ ଚଗୁ। ନିୟମ ଅନୁସାରେ, ବସ୍ ଟର୍ମିନାଲ୍ ଭିତରେ କାଉଣ୍ଟର ଛଡ଼ା ଅନ୍ୟ ସ୍ଥାନ ବା ବ୍ୟକ୍ତି ଅଗ୍ରୀମ ବସ୍ ଟିକେଟ୍ ବିକ୍ରି କରିପାରିବ ନାହିଁ। ତେବେ ଅଭିଯୁକ୍ତ ଚଗୁ ଏହି ନିୟମକୁ ନ ମାନି ଗତ କିଛିଦିନ ହେବ ଟର୍ମିନାଲ୍ ଭିତରେ ବେଆଇନ ଭାବେ ବେସରକାରୀ ବସ୍‌ର ଟିକେଟ୍ ବିକ୍ରିକରି ଆସୁଥିଲା। ଏ ନେଇ ଅଭିଯୋଗ ହେବାପରେ ଫାଣ୍ଡି ପୁଲିସ ଅଭିଯୁକ୍ତକୁ ଧରିଆଣି ଥାନାରେ ଅଟକ ରଖିଥିଲା।

## ଚୋରି ଅଭିଯୋଗରେ ଜଣେ ଗିରଫ

କଟକ, ୧୭ ।୩(ସମିସ): ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଜଣକ ଘରେ ପଶି ଟଙ୍କା ଚୋରି କରିବା ଅଭିଯୋଗରେ ଆଜି ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ସ୍ଥାନୀୟ ଥଟାରୀସାହିରେ ରହୁଥିବା ଚିତ୍ତରଞ୍ଜନ ବେହେରା ଓରଫ ମୁନା। କୋର୍ଟଚାଲାଣ ପରେ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ମହେଶ୍ୱର ବେହେରା ସୂଚନା ଦେଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ମହାନଦୀ ବିହାର ଅଞ୍ଚଳରେ ରହୁଥିବା ଡମ୍ବୁରଧର ସାହୁଙ୍କର ଚାଉଳିଆଗଞ୍ଜ ଥଟାରୀସାହିରେ ଏକ ଘର ରହିଛି। କିଛିମାସ ହେବ ସେ ଉକ୍ତ ଘରକୁ ସେ ଭଡ଼ା ସୂତ୍ରରୁ ସନ୍ତୋଷ ସାହୁ ଓ ଅନ୍ୟ ୬ଜଣକୁ ଦେଇଛନ୍ତି। ତେବେ ସନ୍ତୋଷ ଘରେ ନଥିବା ବେଳେ ଏହାର ସୁଯୋଗ ଦେଇ ଅଭିଯୁକ୍ତ ମୁନା ତାଙ୍କ ଘରେ ପଶି ୮ ହଜାର ଟଙ୍କା ସହିତ ଅନ୍ୟାନ୍ୟ ଜିନିଷ ଚୋରାଇ ନେଇଥିଲା। ସନ୍ତୋଷ ଘରକୁ ଫେରିବା ପରେ ଚୋରିଯାଇଥିବା ଦେଖି ଘର ମାଲିକ ଡମ୍ବୁରଧରଙ୍କୁ ଜଣାଇଥିଲେ।



ରେଳଧାରଣା ନା ନଈତୁଠ: ବାପୁଜୀନଗର ନିକଟ ରେଳଧାରଣା ଉପରେ ଶୁଖୁଛି ଲୁଗା।

## ଏସ୍‌ସିବିରେ ହେବ ଅତ୍ୟାଧୁନିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା

କଟକ, ୧୭ ।୩(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଅତ୍ୟାଧୁନିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ। ଏଠାରେ ଆଧୁନିକ ଅଗ୍ନି ନିର୍ବାପକ ଏବଂ ଆଲାର୍ମ ସିଷ୍ଟମ ଲାଗିବ। ଏଥି ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ବିଭିନ୍ନ କୋଠାରେ ରହିଥିବା ୱାର୍ଡ ଗୁଡିକ ନିମନ୍ତେ ପୃଥକ ପୃଥକ ଭାବେ ଟଙ୍କା ମଞ୍ଜୁର ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ୧୩ଟି ସ୍ଥାନ ନିମନ୍ତେ ୧୬ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ପ୍ରଶାସନିକ ସ୍ତରରେ ଅନୁମୋଦନ ମିଳିଥିବା ବେଳେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ବ୍ୟାପକ କରାଯିବ। ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ଇତି ମଧ୍ୟରେ ବଡ ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଣୀହାଟ ପାର୍ଶ୍ୱରେ ରହିଛି ଏସ୍‌ସିବି

### ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬ କୋଟି ମଞ୍ଜୁର

ମେଡିକାଲର କାର୍ଡିଓଲୋଜି ବିଭାଗ। ୫ ମହଲା(ଜି+୪) ବିଶିଷ୍ଟ ଏହି କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନିମନ୍ତେ ୧ କୋଟି ୮୨ଲକ୍ଷ ୬୯ହଜାର ୩୭୨ଟଙ୍କା ମଞ୍ଜୁର ହୋଇଛି। ସେହିପରି ଭେଷଜ ବିଭାଗ ନିମନ୍ତେ ୧ କୋଟି ୮୨ଲକ୍ଷ ୭୩ ହଜାର ୭୮୦ଟଙ୍କା, ସର୍ଜରୀ ବିଭାଗ ନିମନ୍ତେ ୧ କୋଟି ୬୭ ଲକ୍ଷ ୫୨ ହଜାର ୫୯ ଟଙ୍କା, ବାୟୋକେମେଷ୍ଟ୍ରି ବିଭାଗ ନିମନ୍ତେ ୧ କୋଟି ୭ ଲକ୍ଷ ୨୯ ହଜାର ୧୬୪ ଟଙ୍କା, ପୁରୁଣା ଏବଂ ନୂଆ ଅର୍ଥୋପେଡ଼ିକ କୋଠା ନିମନ୍ତେ ୧ କୋଟି ୪୦ ଲକ୍ଷ ୬୪ ହଜାର ୨୮୮ ଟଙ୍କା, ଭିଆରଡିଏଲ ବିଲ୍ଡିଂ ନିମନ୍ତେ ୧ କୋଟି ୬



ଲକ୍ଷ ୮୭ ହଜାର ୬୩ ଟଙ୍କା, ବର୍ଣ୍ଣ ୟୁନିଟ ନିମନ୍ତେ ୧ କୋଟି ୨୩ ଲକ୍ଷ ୧୨ ହଜାର ୩୭୪ ଟଙ୍କା, ଚର୍ମ ରୋଗ ବିଭାଗ ନିମନ୍ତେ ୧ କୋଟି ୪୫ ଲକ୍ଷ ୮୩ ହଜାର ୮୨ ଟଙ୍କା, ଶିଶୁରୋଗ, ନ୍ୟୁରୋଲୋଜି, ନେଫ୍ରୋଲୋଜି ଓ ଗ୍ୟାଷ୍ଟ୍ରୋଲୋଜି ବିଭାଗ କୋଠା ନିମନ୍ତେ ୧ କୋଟି ୩୪ ଲକ୍ଷ ୮୮ ହଜାର ୮୩୧ ଟଙ୍କା ଖର୍ଚ୍ଚ ହେବ। ସେହିପରି ଟ୍ରମା କାଜୁଆଲିଟିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପଲବ୍ଧ କରାଯିବ। ଏ ବାବଦରେ ଖର୍ଚ୍ଚ କରାଯିବ ୧ କୋଟି ୩୬ ଲକ୍ଷ ୭ ୯ ହଜାର ୭୩୬ ଟଙ୍କା।

ପ୍ରକାଶଥାଉକି, ରାଜ୍ୟର ଏକ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏପର୍ଯ୍ୟନ୍ତ ଉପଲବ୍ଧ କରାଯାଇନଥିବା ଯୋଗୁଁ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ଏହି ମାମଲାରେ ଗତ ୧୩ ତାରିଖରେ ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡଙ୍ଗୀ, ଏସସିବି ମେଡିକାଲ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଭାସ କୁମାର ମାଝୀ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଏସସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ରହିଥିବା ଯୋଜନା ସମ୍ପର୍କରେ ଅଗ୍ନିଶମ ଡିଜି ଏକ ବିସ୍ତୃତ ସତ୍ୟପାଠ ଦେଇଥିଲେ।

## ଟ୍ରାଫିକ୍ ଆଇଆଇସିଙ୍କ ପାଦରେ କାର୍ ଚଢ଼ାଇ ଚାଳକ ଗିରଫ

କଟକ, ୧୭ ।୩ (ସମିସ): ମଧୁପାଟଣା ଥାନା ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଯାନବାହନ ଯାଞ୍ଚ ଚାଲିଥିବାବେଳେ ଟ୍ରାଫିକ୍ ଆଇଆଇସିଙ୍କ ପାଦରେ ଗାଡିକୁ ଚଢ଼ାଇ ଫେରାର୍ ହୋଇ ଯାଉଥିବା ଥିବା ଜଣେ ମଦ୍ୟପ କାର୍ ଚାଳକକୁ ଗିରଫ କରିଛି ମଧୁପାଟଣା ଥାନା ପୁଲିସ। ଅଭିଯୁକ୍ତଜଣକ ହେଲା ରାଜାବଗିଚା ଅଞ୍ଚଳର ଉତ୍କଳ ମହାନ୍ତି। ଆଜି କୋର୍ଟଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତିଦିନ ରାତି ୧୧ଟାରୁ ଭୋର ପର୍ଯ୍ୟନ୍ତ କଟକ ୟୁପିଡିର ସମସ୍ତ ଥାନା ପକ୍ଷରୁ ରାସ୍ତାରେ ବ୍ଲକିଂ କରାଯାଇ ଯାଞ୍ଚ କରାଯାଉଛି। ବିଶେଷକରି ମଦ୍ୟପକୁ ଧରିବା ସହିତ ଗାଡିଗୁଡିକ ଜବତ କରାଯାଉଛି। ଏହିକ୍ରମରେ ଶନିବାର ରାତିପ୍ରାୟ ସାଢ଼େ ୧ଟା ସମୟରେ ଟ୍ରାଫିକ୍ ପୁଲିସ ପକ୍ଷରୁ ମଧୁପାଟଣା ଥାନା ନିକଟରେ ରାସ୍ତାକୁ ବ୍ଲକିଂ କରାଯାଇ ଯାଞ୍ଚ କରାଯାଉଥିଲା। ଏତିକି ବେଳେ ଯାଞ୍ଚକାରୀଙ୍କୁ ଦେଖି ଏକ କାର ଦ୍ରୁତଗତିରେ ଖସି ପଳାଇଯିବାରୁ ଉଦ୍ୟମ କରିଥିଲା। ଫଳରେ ଟ୍ରାଫିକ୍ ଥାନା ଅଧିକାରୀ କିଶୋର ପ୍ରଧାନ ଉକ୍ତ ଗାଡିକୁ ଅଟକାଇବା ଲାଗି ଉଦ୍ୟମ କରିଥିଲେ। ହେଲେ ଚାଳକ ଉତ୍କଳ କାର୍‌କୁ ସେଠାରେ ଅଟକାଇବା ପରିବର୍ତ୍ତେ ଅଧିକାରୀଙ୍କୁ ପାଦ ଉପରେ ଚଢ଼ାଇ ଦେବା ସହିତ ହାତକୁ ଧକ୍କାଦେଇ ସେଠାରୁ ଜୋରରେ ଓଏମ୍‌ପି ଛକ ଆଡକୁ ଚାଲିଯାଇଥିଲା। ଏହାପରେ ପିସିଆର କର୍ମଚାରୀମାନେ ଉକ୍ତ କାର୍‌କୁ ପିଛାକରି ଚାଉଳିଆଗଞ୍ଜ ଥାନା ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ। ଏହାପରେ ଗାଡି ସହିତ ଉତ୍କଳକୁ ଥାନାକୁ ଅଣାଯାଇଥିଲା। ଯାଞ୍ଚ ପରେ ସେ ପ୍ରଚୁର ମଦ୍ୟପାନ କରିଥିବା ନେଇ ଜଣାପଡ଼ିବା ପରେ କାର୍‌କୁ ଜବତ କରାଯିବା ସହିତ ତାକୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣାରେ ଅଧିକାରୀ ଶ୍ରୀ ପ୍ରଧାନ ହାତ ଆଙ୍ଗୁଠି ଭାଙ୍ଗି ଯାଇଥିବାବେଳେ ପାଦରେ ମଧ୍ୟ ଗଭୀର ଆଘାତ ଲାଗିଛି ବୋଲି ଜଣାପଡ଼ିଛି।

## ଖୋର୍ଦ୍ଧା ଜିଲ୍ଲାରେ ୧୮ ଲକ୍ଷ ୬୫ହଜାର ୪୫୫ ମତଦାତା

ଖୋର୍ଦ୍ଧା, ୧୭।୩(ସମିସ):

ନିର୍ବାଚନ ତାରିଖ ଘୋଷଣା ପରେ ବଢ଼ିଛି ଉଷ୍ମତା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଆଦର୍ଶ ଆଚରଣ ବିଧି ଲାଗୁ ହେବା ସହ ନିର୍ବାଚନକୁ ଅବାଧ, ନିରପେକ୍ଷ

### ଯୁବ ଭୋଟରଙ୍କ ସଂଖ୍ୟା ୩୫ ହଜାର ୩୦୮

### ୧୯୦୭ ମତଦାନ କେନ୍ଦ୍ରରୁ ୫୨୪ଟି ସଖୀ ବୁଥ୍

### ୧୪୯ଟି ବୁଥ୍‌ରେ ମତଦାନ ପରିଚାଳନା କରିବେ ମହିଳା

ଭାବେ ପାଳନ କରିବାକୁ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ଏବଂ ପୁରୀ ଲୋକସଭା ଆସନ ଅନ୍ତର୍ଗତ ଚିଲିକା ବିଧାନସଭାରେ ମତଦାନ ହେବ। ଷଷ୍ଠ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ପାଇଁ ଆସନ୍ତା ଅପ୍ରେଲ ୨୯ ତାରିଖରେ ବିଜ୍ଞପ୍ତି ଜାରି ହେବ ଏବଂ ମଇ ୬ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ମଇ ୭ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ ଏବଂ ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ଏଥିସହ ଜୁନ୍ ୪ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯାଇ ଜୁନ୍ ୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ କରାଯିବ।



ଚଳିତ ନିର୍ବାଚନ ନିମନ୍ତେ ଜିଲ୍ଲାରେ ଏପର୍ଯ୍ୟନ୍ତ ୧୮ ଲକ୍ଷ ୬୫ ହଜାର ୪୫୫ ଜଣ ମତଦାତା ଅଛନ୍ତି। ତନ୍ମଧ୍ୟରେ ୯ ଲକ୍ଷ ୭୧ ହଜାର ୫୫୪ ଜଣ ପୁରୁଷ, ୮ ଲକ୍ଷ ୯୩ ହଜାର ୩୪୧ ଜଣ ମହିଳା, ୫୬୦ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ତେବେ ସେଥିରେ ୩୫, ୩୦୮ ଜଣ ଯୁବ ଭୋଟର ରହିଛନ୍ତି। ଜିଲ୍ଲାରେ ୮ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୯୦୭ଟି ଭୋଟଦାନ କେନ୍ଦ୍ର ରହିଛି। ସେଥି ମଧ୍ୟରୁ ୫୨୪ଟି ମହିଳାମାନଙ୍କ ଦ୍ୱାରା ପରିଚାଳିତ ପିଙ୍କ୍ ବୁଥ୍ ତଥା ସଖୀ ବୁଥ୍, ୧୪୯ଟି ବୁଥ୍‌ରେ ମତଦାନ ପରିଚାଳନା ନିମନ୍ତେ ମହିଳାମାନେ ପ୍ରମୁଖ ଦାୟିତ୍ୱ ତୁଲାଇବା ସହ ୩୦ ବର୍ଷରୁ କମ୍ ଯୁବ ଅଧିକାରୀମାନେ ୩୦ଟି ବୁଥ୍ ରେ ପୁଲିଂ ଅଧିକାରୀ ଭାବେ କାର୍ଯ୍ୟ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି।

ସେହିଭଳି ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ଗୋଟିଏ ବୁଥ୍ ଭିନ୍ନକ୍ଷମଙ୍କ ଦ୍ୱାରା ପରିଚାଳିତ ହେବ। ଅନ୍ୟପକ୍ଷରେ ଭୁବନେଶ୍ୱର (ମଧ୍ୟ)ର ସମସ୍ତ ୧୯୯ଟି ବୁଥ୍ ସଖୀ ମତଦାନକେନ୍ଦ୍ର ଭାବେ ପରିଚାଳିତ ହେବ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବୁଥ୍‌ରେ ଅସ୍ଥାୟୀ ପ୍ରତୀକ୍ଷାକକ୍ଷ, ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯିବ। ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର, ଜଟଣୀ ନିମନ୍ତେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ, ବେଗୁନିଆ, ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ପାଇଁ ଜିଲ୍ଲା ପଣ୍ୟାଗାର ଏବଂ ଚିଲିକା ବିଧାନସଭା ନିମନ୍ତେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପୁଲିଂ ପାର୍ଟିମାନେ ବୁଥ୍ ଅଭିମୁଖେ ଯାତ୍ରା କରିବା ସହ ମତଦାନ ପରେ ଇଭିଏମ୍ ଦାଖଲ ଏବଂ ଭୋଟଗଣନା କେନ୍ଦ୍ର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସମ୍ବେଦନଶୀଳ ମତଦାନ କେନ୍ଦ୍ରରେ ସିସିଟିଭି, ଭିଡ଼ିଓ ଗ୍ରାଫି ଏବଂ ଫଟୋ ଉଠାଇବା ନେଇ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ୮୫ବର୍ଷ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ନିଜେ ଘରେ ରହି ମତଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯିବ। ନିର୍ବାଚନୀ ସଂକ୍ରାନ୍ତୀୟ ଅଭିଯୋଗ ନିମନ୍ତେ ସି-ଭିଜିଲ୍ ଆପ୍ କିମ୍ବା ଜିଲ୍ଲା ନିୟନ୍ତ୍ରଣ କକ୍ଷ ୦୬୭୫୫-୨୨୦୯୩୭ ଏବଂ ୧୯୫୦କୁ ଫୋନ୍ କରି ଅଭିଯୋଗ ଦାଖଲ କରିହେବ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ମିଡ଼ିଆ ସାର୍ଟିଫିକେସନ୍ ଏବଂ ମନିଟରିଂ କମିଟି ସେଲ୍‌ଫ ଖୋଲିବା ପାଇଁ ନିଷ୍ପତି ନିଆଯାଇଛି।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ନିର୍ବାଚନ ଡେପୁଟି କଲେକ୍ଟର ମନୋଜ କୁମାର ସେନାପତି, ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଅତିରିକ୍ତ ଡିସିପି ପ୍ରଶାନ୍ତ କୁମାର ମଲ୍ଲ ଏବଂ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

